ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweeker ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 39 | 24 - 30 September 2023 | Sambalpur | Page- 8 | Invitation Price Rs.10




## ନୂଆଁଖାଇ-୨୦୨୩ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ, ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

## ଉଦୟ ଏ କାଓଲେ ଏମ୍.ସି.ଏଲ୍‌ର ନୂଆଁ ସି.ଏମ୍.ଡି ହେବେ

ସମ୍ବଲପୁର : ଶ୍ରୀ ଉଦୟ ଏ କାଓଲେ ଏମ୍.ସି.ଏଲ୍‌ର ସି.ଏମ୍.ଡି ପଦବୀ ପାଇଁ ମନୋନୀତ ହୋଇଛନ୍ତି । ଏହି ପଦବୀ ପାଇଁ ହୋଇଥିବା ସାକ୍ଷାତକାରରେ ଯୋଗ ଦେଇଥିବା ମୋଟ ୧୨ ଜଣ ପ୍ରାର୍ଥୀଙ୍କୁ ପଛରେ ପକେଇ ଶ୍ରୀ କାଓଲେ ମନୋନୀତ ହୋଇଛନ୍ତି । ୧୨ ଜଣ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଏମ୍.ସି.ଏଲ୍‌ର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ଓ ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରା ମଧ ଥିଲେ । ଏହାଛଡ଼ା ଡବ୍ଲୁଓସିଏଲ, ଏନସିଏଲ, ଏସଇସିଏଲ, ସିଏମପିଡି-ଆଇଏଲ, ଏନଟିପିସି, ସେଲ ଓ ଭାରତୀୟ ରେଳ ବିଭାଗର ଅଧିକାରୀମାନେ ମଧ ପଦବୀ ଦୌଡରେ ରହି ସାକ୍ଷାତକାରରେ ଅଂଶ ଗ୍ରହଣ କରିଥିଲେ । ଗତ ୧୯ ତାରିଖ ଦିନ କେନ୍ଦ୍ର ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ଅଧିନରେ ଥିବା ପିଇଏସବି ଶ୍ରୀ କାଓଲେଙ୍କୁ ଏମସିଏଲର ସିଏମଡି ପଦବୀରେ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ସୁପାରିଶ କରିଛି । ବର୍ତ୍ତମାନ ଏମସିଏଲରେ ସିଏମଡି ଥିବା ଶ୍ରୀ ଓମ୍ ପ୍ରକାଶ ସିଂ ଆସନ୍ତା ଅକ୍ଟୋବର ୩୦ ତାରିଖରେ ଅବସର ଗ୍ରହଣ କରିବେ । ତାଙ୍କ ସ୍ଥାନରେ ଶ୍ରୀ କାଓଲେ ଯୋଗ ଦେବେ । କାଓଲେ ବର୍ତ୍ତମାନ ଭାରତ କୋକିଂ କୋଲ୍ ଲିମିଟେଡରେ ବୈଷୟିକ ନିର୍ଦ୍ଦେଶକ ରୂପେ କାର୍ଯ୍ୟ କରୁଛନ୍ତି ।



ନାଗପୁର ବିଶ୍ୱବିଦ୍ୟାଳୟରୁ ମାଇନିଂ ଇଞ୍ଜିନିୟରିଂ, ଏମ୍.ବି.ଏ ଏବଂ ଏଲ.ଏଲ୍.ବି ଯୋଗ୍ୟତା ହାସଲ କରିଥିବା ଶ୍ରୀ କାଓଲେ ୧୯୮୭ ମସିହାରେ କୋଲ ଇଣ୍ଡିଆ ଅଧିନରେ ଡବ୍ଲୁସିଏଲରେ ଯୋଗ ଦେଇ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି । ୨୦୦୭ ମସିହାରେ ସେ ଏସଇସିଏଲରେ ଯୋଗ ଦେଇ ୨୦୨୨ ମସିହାରେ ପୁଣି ବିସିସିଏଲରେ ନିର୍ଦ୍ଦେଶକ ରୂପେ ଯୋଗ ଦେଇଥିଲେ । ଅଣ୍ଡରଗ୍ରାଉଣ୍ଡ ମାଇନିଂରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି ।

ଓଡ଼ିଶା ସରକାର




## ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଜୁହାର

ଆପଣମାନ୍‌କେ ସମସ୍ତଙ୍କେ ମୋର ନୂଆଁଖାଇ ଜୁହାର । ଆପଣ ଓ ଆପଣଙ୍କର୍ ପରିବାର୍‌କେ ମା' ସମଲେଇ ଭଲ୍‌ରେ ରଖୁନ୍ ।
ମା'କେ ଇଟା ମୋର୍ ଗୁହାରୀ ।
ଜୁହାର

(ନବୀନ ପଟ୍ଟନାୟକ)




## 'ନୂଆଁଖାଇ' ଅବସରରେ ବାର୍ତ୍ତା

ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଁଖାଇ' ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା । ସ୍ନେହ, ଶ୍ରଦ୍ଧା ଓ ଭାଇଚାରାର ଏ କୃଷିଭିତ୍ତିକ ଗଣପର୍ବ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ ମା'ସମଲେଶ୍ୱରୀଙ୍କ ଅପାର କରୁଣାରୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ, ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

୭ ପୃଷ୍ଠାରେ..


ଶରୀର ପାଇଁ ହିତକର ପୋଇ


ଗୁଣକାରୀ କଲରା


ସ୍ୱାସ୍ଥ୍ୟକର କଳାଜିରା


ସର୍ଦ୍ଦିରୁ ରକ୍ଷା କରେ ଗୁଡ଼


ଔଷଧୀୟ ଅଁଳା ରସ


ପାଇନ ନଟ୍‌ର ଉପକାରିତା

# ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ ପକ୍ଷରୁ ନୂଆଁଖାଇ ଭେଟ୍

ସମ୍ବଲପୁର : ନନ୍ଦପଡ଼ା ସ୍ଥିତ ଚିତ୍ରୋତ୍ପଳା ମୁକ୍ତ ମଞ୍ଚଠାରେ ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ପକ୍ଷରୁ ଗଣପର୍ବ ନୂଆଁଖାଇ ଅବସରରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସଂଘର ସଭାପତି ଜିତେନ୍ଦ୍ର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଭେଟ୍‌ଘାଟ୍ କାର୍ଯ୍ୟକ୍ରମର ସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ଓ ଜିଲ୍ଲା ଓକିଲ ସଂଘର ସଭାପତି ସୁରେଶ୍ୱର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ସଂଘର ସମ୍ପାଦକ ପ୍ରଭୁଦତ୍ତ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ନିମନ୍ତେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ରାମାଶିଷ ତ୍ରିପାଠୀ ପରିଚାଳନା କରିଥିଲେ । ଶେଷରେ ସୁସ୍ମିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏଥି ସହ ଚଳିତ ବର୍ଷର ବିଶିଷ୍ଟ କଳାକାର ତଥା କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକଙ୍କୁ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ଯୁବ ପ୍ରତିଭା ସମ୍ମାନ ଉଦୟୀମାନ କ୍ରିକେଟର ଅଭିନବ ନନ୍ଦଙ୍କୁ ଦିଆଯାଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ଚମତ୍କାର ଫଟୋ ଓ ଭିଡିଓ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ଧନଞ୍ଜୟ ପାଣିଗ୍ରାହୀ ଓ ସୋନି କ୍ଲିକ୍ସର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଅଶୋକ ବହିଦାରଙ୍କ ଦ୍ୱାରା ରଚିତ ତଥା ଚିତ୍ରସେନ ମିଶ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ 'ଠିକ ଦଶ ବଜେ' ମଞ୍ଚସ୍ଥ ହୋଇଥିଲା ।





## ବ୍ରହ୍ମବୀଣା ବାଦକ ଆନନ୍ଦ ବାଗଙ୍କୁ ଜାତୀୟ ଅମୃତ ପୁରସ୍କାର

ବରଗଡ଼ : ବରଗଡ ଜିଲ୍ଲା ବିଶିପାଲି ଗ୍ରାମର ଲୋକବାଦ୍ୟ ବ୍ରହ୍ମବୀଣା ବାଦକ ଆନନ୍ଦ ବାଗ କେନ୍ଦ୍ର ନାଟକ ଏକାଡେମୀର ଜାତୀୟ ଅମୃତ ପୁରସ୍କାର ପାଇଛନ୍ତି । ଦେଶର ଅନ୍ୟ ୭୫ ଜଣଙ୍କ ସହିତ ଶ୍ରୀ ବାଗଙ୍କୁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ପୁରସ୍କାର ଦେଇଛନ୍ତି । ପଦ୍ମପୁରରୁ ବରଗଡ ରାସ୍ତାରେ ୧୫ କିମି ଦୂର ଉତ୍ତରରେ ଥିବା ବିଶିପାଲି ଗ୍ରାମରେ ଏହି ଶିଳ୍ପୀ ସାରା ଜୀବନ ଲୋକବାଦ୍ୟ ବ୍ରହ୍ମବୀଣାର ବାଦନ ଓ ଗାୟନରେ ସମର୍ପିତ । ୮୫ ବର୍ଷ ବୟସର ଏହି ବରିଷ୍ଠ କଳାକାର ଦେବଗୁନିଆ ସଂପ୍ରଦାୟର କୌଳିକ ଲୋକବାଦ୍ୟ ବ୍ରହ୍ମବୀଣାକୁ ଜାତୀୟ ସ୍ତରରେ ବିଭିନ୍ନ ସୁନାମଧନ୍ୟ ମଞ୍ଚରେ ପରିବେଷଣ କରି ଏହି ଲୋକବାଦ୍ୟର ପ୍ରଚାରପ୍ରସାର କରି ଆସୁଛନ୍ତି । ସେ ବୁରୋମୁଣ୍ଡା ଗ୍ରାମରେ ଥିବା କଳାଗ୍ରାମ ଆଦିବାଦ୍ୟଦଳର ଜଣେ ସକ୍ରିୟ ସଦସ୍ୟ । ସୂଚନାଯୋଗ୍ୟ, ଶ୍ରୀବାଗ କେନ୍ଦ୍ର ସଙ୍ଗୀତ ଏକାଡେମୀ ପୁରସ୍କାର ପାଇବା କ୍ଷେତ୍ରରେ ରାଜ୍ୟରେ ପ୍ରଥମ ଲୋକ କଳାକାର ଅଟନ୍ତି ।

# ସରକାରୀ ବିଜ୍ଞାପନର ବିକଳ୍ପ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**କୌଣସି** ଭୌଗୋଳିକ ପରିବେଶରେ ସମ୍ବାଦ ମଞ୍ଚରେ ଅବ୍ୟବସ୍ଥା ସ୍ଥାନୀୟ ଜନଜୀବନକୁ ପ୍ରଭାବିତ କରିଥାଏ । ସମାଜ ସାମୂହିକ ପ୍ରୟାସର ସମାହାର । ବ୍ୟକ୍ତିଗତ ଜୀବନର ଗୁଣବତ୍ତା ପାରିବାରିକ ଜୀବନ ଉପରେ ନିର୍ଭରଶୀଳ ଏବଂ ଉଭୟ ବ୍ୟକ୍ତିଗତ ଓ ପାରିବାରିକ ଜୀବନ ପାରିପାର୍ଶ୍ୱିକ ପରିବେଶକୁ ନେଇ ଗଢି ଉଠିଥାଏ । ଉଦାହରଣରେ ବ୍ୟକ୍ତିଗତ ଓ ପାରିବାରିକ ସ୍ତରରେ ପରିଚ୍ଛନ୍ନତା ପରେ ବାସଗୃହକୁ ଘେରି ରହିଥିବା ରାସ୍ତାଘାଟ, ବଜାରହାଟର ପରିଚ୍ଛନ୍ନତା ସ୍ୱାସ୍ଥ୍ୟରକ୍ଷାର ମାନାଙ୍କ ନିର୍ଦ୍ଧାରଣ କରେ । ଉଭୟ ସଂକ୍ରାମକ ଓ ଅଣସଂକ୍ରାମକ ରୋଗର ମୂଳ ସୂତ୍ର ପ୍ରଦୂଷଣ । ସେହିପରି ପରିବାରର ଚତୁର୍ଦ୍ଦିଗରେ ଘଟୁଥିବା ଘଟଣାବଳୀ ବ୍ୟକ୍ତିଗତ ଓ ପାରିବାରିକ ଜୀବନରେ ନୀତି ନିର୍ଦ୍ଧାରଣରେ ସହାୟକ । ତେଣୁ ସାମାଜିକ ଘଟଣାବଳୀ ଜାଣିବା ଆବଶ୍ୟକ ପଡିଥାଏ । ଆଧୁନିକ ଜୀବନଧାରା ସୁଦୂର ପରିସୀମା ଯାଏଁ ପରିବ୍ୟାପ୍ତ ହେଉଥିବା ହେତୁ ସ୍ଥାନୀୟ ସହ ରାଜ୍ୟ, ରାଷ୍ଟ୍ର ଓ ଆନ୍ତର୍ଜାତିକସ୍ତରରେ ଘଟଣାପ୍ରବାହର ଖବରଅନ୍ତର ଅତ୍ୟାବଶ୍ୟକ ପ୍ରମାଣିତ । ମାର୍କିନ ଗବେଷଣା ପ୍ରତିଷ୍ଠାନ 'ପିଉ ରିସର୍ଚ୍ଚ ସେଣ୍ଟର' ପକ୍ଷରୁ ୨୦୧୬ରେ ସେଠାକାର ଜନଜୀବନରେ ସ୍ଥାନୀୟ ସମ୍ବାଦ ମଞ୍ଚଗୁଡ଼ିକର ପ୍ରଭାବ ସଂପର୍କରେ ଏକ ସର୍ବେକ୍ଷଣ ଆୟୋଜନ କରାଯାଇଥିଲା । ତଥ୍ୟ ଅନୁଶୀଳନରୁ ଜଣାଯାଇଥିଲା ଯେ ସ୍ଥାନୀୟ ସମ୍ବାଦ ଆହରଣ କରୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ୫୯ ପ୍ରତିଶତ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ । ଅପରପକ୍ଷେ ସ୍ଥାନୀୟ ସମ୍ବାଦରୁ ଦୂରେଇ ରହୁଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ମାତ୍ର ୨୭ ପ୍ରତିଶତ ସାମାଜିକ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରୁଥିଲେ । ସ୍ଥାନୀୟ ସମ୍ବାଦ ଅବଗତ ନହେଲେ ବ୍ୟକ୍ତି ସାମାଜିକସ୍ତରରେ ସାମର୍ଥ୍ୟହୀନ ଓ ଏକାକୀ ଅନୁଭବ କରିଥାଏ । ଏହି ଗବେଷଣାର ଉପଲବ୍ଧିବିଶ୍ୱର ବିଭିନ୍ନ ପ୍ରାନ୍ତରେ ଊଣା ଅଧିକେ ପ୍ରଯୁଜ୍ୟ ।

କରୋନା-ଭୂତାଣୁ-ଜନିତ ମହାମାରୀ ପରବର୍ତ୍ତୀ ଅବସ୍ଥାରେ ଓଡ଼ିଶା ଭଳି ବିକାଶଶୀଳ ଅର୍ଥନୀତିରେ ଗଣମାଧ୍ୟମର ଭୂମିକା ଅସ୍ପଷ୍ଟ । ଏକପକ୍ଷରେ ମହାମାରୀ ପୂର୍ବାବସ୍ଥାରେ ଡିଜିଟାଲ ମଞ୍ଚର ଭିତ୍ତିଭୂମି ପ୍ରସ୍ତୁତି ସରିଥିଲା ଏବଂ ମହାମାରୀ କାଳରେ ଉପଭୋକ୍ତାଗଣ ଅଭ୍ୟସ୍ତ ହୋଇସାରିଥିଲେ । ମହାମାରୀ-ପର ଅବସ୍ଥାରେ ୨୦୨୩ ସୁଦ୍ଧା ରାଜ୍ୟ ଗଣମାଧ୍ୟମ ଉପତ୍ୟକାରେ ଡିଜିଟାଲ ରୂପାନ୍ତରିକରଣକୁ ଅପେକ୍ଷା କରାଯାଉଛି । ଅପରପକ୍ଷେ ବିଂଶଶତାବ୍ଦୀର ଅଷ୍ଟମ ଦଶକରୁ ଅଗ୍ରଗଣ୍ୟ ସମ୍ବାଦପତ୍ରଗୁଡ଼ିକର ବ୍ୟବସାୟ ବିଜ୍ଞାପନ-ଆଶ୍ରିତ ଅର୍ଥନୀତିରେ ସମୃଦ୍ଧ ହୋଇ ଚାଲିଥିବା ଧାରା ମହାମାରୀରେ ଭୁଷୁଡ଼ି ପଡ଼ିଲା । ମହାମାରୀ-ପର ଅବସ୍ଥାରେ ଆର୍ଥିକ ମାନ୍ଦାବସ୍ଥା କାରଣରୁ ବ୍ୟବସାୟିକ ବିଜ୍ଞାପନ ବ୍ୟୟ ସଂକୁଚିତ ଏବଂ ଡିଜିଟାଲ ମୁହାଁ ହୋଇଥିବା ଅବସରରେ ପାରମ୍ପରିକ ଗଣମାଧ୍ୟମ ମଞ୍ଚରୁ ଅପସାରଣ ପ୍ରକ୍ରିୟା ବଳବତ୍ତର ରହିଲା । ମହାମାରୀ ଓ ମହାମାରୀ-ପର ଅବସ୍ଥାରେ ଅଗ୍ରଣୀ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକର ଅର୍ଥନୀତିକୁ ଓଡ଼ିଶା ରାଜ୍ୟ ସରକାରଙ୍କ ବିଜ୍ଞାପନ ନୀତି ସୁହାଇଥିଲା । ସୂଚନା ଅଧିକାର କର୍ମୀଙ୍କ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ତଥ୍ୟ ଅନୁଯାୟୀ ୨୦୨୦ରୁ ୨୦୨୩, ଅର୍ଥାତ ମହାମାରୀ ଓ ମହାମାରୀ-ପର ଅବସ୍ଥାରେ ଛଅଗୋଟି ଅଗ୍ରଣୀ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ରକୁ ସର୍ବାଧିକରୁ ସର୍ବନିମ୍ନ କ୍ରମାନ୍ୱୟରେ ୩୫ କୋଟି, ୨୭ କୋଟି, ୨୫ କୋଟି, ୧୩ କୋଟି, ଛଅ କୋଟି ୫୦ ଲକ୍ଷ ଓ ତିନି କୋଟିର ବିଜ୍ଞାପନ ପ୍ରଦାନ କରାଯାଇଥିଲା । ଏହି ତଥ୍ୟ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଠାରୁ ସୂଚନା ଅଧିକାର ଆଇନ ବଳରେ ସଂଗ୍ରହ ହୋଇଥିବା ସୂଚାଇ ଥିଲେ ।

ସ୍ୱାଧୀନୋତ୍ତର ଅବସ୍ଥାରୁ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ର ମହଲରେ ସରକାରୀ ବିଜ୍ଞାପନ ମୂଳ ଆୟ ସୂତ୍ରରୂପେ ଗ୍ରହଣ କରାଯାଇଆସିଛି । ଏତଦ୍ୱାରା ଦୁଇଗୋଟି ମୁଖ୍ୟ ସମସ୍ୟା ଉପୁଜେ । ପ୍ରଥମତଃ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଜ୍ଞାପନ ନୀତି ଶାସକ ରାଜନୀତିକ ଦଳ ପକ୍ଷରୁ ନିର୍ଦ୍ଧାରଣ କରାଯାଏ । ଏହି ନୀତିରେ ସ୍ଥାୟୀତ୍ୱ ନ ରହୁଥିବା ହେତୁ ସମ୍ବାଦପତ୍ରର ଅର୍ଥନୀତି ସଦାସର୍ବଦା ଦୋଳାୟମାନ ଅବସ୍ଥାରେ କାଳାତିପାତ କରେ । ଦ୍ୱିତୀୟତଃ, ସରକାରୀ ବିଜ୍ଞାପନରେ ଅନୁଗୃହୀତ ହେବା ଲାଗି ସମ୍ବାଦପତ୍ରଗୁଡ଼ିକ ସ୍ଥଳବିଶେଷରେ ପକ୍ଷପାତିତା କାରଣରୁ ଗୁଣାତ୍ମକ ସାମ୍ବାଦିକତା ଓ ପାଠକୀୟ ଆଦୃତିରୁ ଦୂରେଇ ଯାଆନ୍ତି । ଉଭୟ ଦିଗରୁ ସମ୍ବାଦପତ୍ର ଶିଳ୍ପ ଦୀର୍ଘକାଳୀନ ଭିତ୍ତିରେ କ୍ଷତିଗ୍ରସ୍ତ ହୋଇଥାଏ ।

ସମ୍ବାଦ ପ୍ରସାରଣ ସହ ବିଜ୍ଞାପନ ବାର୍ତ୍ତା ବିତରଣ ମୌଳିକଭାବେ ଏକ ଅସାଧୁ ମେଣ୍ଟ । ଏତଦ୍ୱାରା ଦ୍ରବ୍ୟ-ମୂଲ୍ୟରେ ଅମେଳ ସାମ୍ବାଦିକତାର ସ୍ୱାର୍ଥ ପରିପନ୍ଥୀ । ବଜାର ଦରରେ ୨୦୨୩ ସୁଦ୍ଧା ୧୨ ପୃଷ୍ଠାର ଏକ ବ୍ରଡ଼ସିଟ ସମ୍ବାଦପତ୍ର ମୁଦ୍ରଣ ଖର୍ଚ୍ଚ ୧୫ ଟଙ୍କାରୁ ଊର୍ଦ୍ଧ୍ୱ ପଡୁଥିବା ସ୍ଥଳେ ପ୍ରାୟ ୩୦ ପ୍ରତିଶତ ବିତରଣ କମିଶନ ସହ ଅର୍ଦ୍ଧେକ ମୂଲ୍ୟରେ ଖୁଚୁରା ବିକ୍ରୀ ପରିପ୍ରେକ୍ଷୀରେ ପ୍ରକାଶକଙ୍କୁ ବିଜ୍ଞାପନ ଦ୍ୱାରା ଅନ୍ୟ ଅର୍ଦ୍ଧେକ ଖର୍ଚ୍ଚ ଭରଣା କରିବାକୁ ବାଧ କରିଥାଏ । ଓଡ଼ିଆ ସମେତ ବହୁ ସଂଖ୍ୟକ ଆଞ୍ଚଳିକ ସମ୍ବାଦପତ୍ର ସରକାରୀ ବିଜ୍ଞାପନ ଆୟ ଯୋଗେ ଉତ୍ପାଦନ ଓ ବିକ୍ରୀମୂଲ୍ୟରେ ସମତୁଲ ରକ୍ଷା କରିଥାନ୍ତି । ଏହି ପରିପ୍ରେକ୍ଷୀରେ ସରକାରୀ ବିଜ୍ଞାପନ ନୀତି ଓ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର ପ୍ରତି କୃପାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ।

ସମ୍ବାଦପତ୍ରର ସଫଳତା ଗୁଣାତ୍ମକ ସାମ୍ବାଦିକତା ଉପରେ ନିର୍ଭରଶୀଳ । କିନ୍ତୁ ଅଧିକ ପାଠକଙ୍କ ନିକଟରେ ପହଞ୍ଚିବାକୁ ତଥା ଉଭୟ ସରକାରୀ ଓ ବେସରକାରୀ ସୂତ୍ରରୁ ବିଜ୍ଞାପନ ଲାଭ ଉଦ୍ଦେଶ୍ୟରେ ନିମ୍ନମାନର ସାମ୍ବାଦିକତା ସହ ସାଲିସ କରି ପ୍ରସାର ସଂଖ୍ୟା ବୃଦ୍ଧିରେ ସମ୍ବାଦପତ୍ରଗୁଡ଼ିକ ବିଗତ ଅର୍ଦ୍ଧ ଶତାବ୍ଦୀ ଧରି ନିୟୋଜିତ । ଏହି ଅର୍ଥନୀତି ଯେ ଚିରନ୍ତନ ତାହା ଭାବିବା ଭୁଲ । କଥା ହେଲା, ପ୍ରଚଳିତ ଧାରାରେ ପରିବର୍ତ୍ତନକୁ ଅଗ୍ରାଧିକାର ଦିଆଯାଏନା । ସାମାନ୍ୟ ସଂଖ୍ୟକ ସମ୍ବାଦପତ୍ର ଏ ଦିଗରେ ଅବଶ୍ୟ ଉଦ୍ୟମ କରିଛନ୍ତି, କିନ୍ତୁ ବିଭିନ୍ନ କାରଣରୁ ସଫଳକାମୀ ହୋଇପାରିନାହାନ୍ତି । ଅନ୍ତତଃପକ୍ଷେ ନୂତନଭାବେ ପ୍ରକାଶିତ ସମ୍ବାଦପତ୍ରଗୁଡ଼ିକ ବିକଳ୍ପ ପ୍ରକାଶନ ନୀତିରେ ବିଶ୍ୱାସ କରିବା କଥା । କିନ୍ତୁ ଚିରାଚରିତ ଢାଞ୍ଚାରେ ସଫଳତା ଆଶା କରି ସରକାରୀ ବିଜ୍ଞାପନ ଲାଗି ଦୀର୍ଘ ପ୍ରତୀକ୍ଷାରେ ଅଟକି ରହୁଥିବା କ୍ଷୋଭର ବିଷୟ ।

ମହାମାରୀ- ପର ଅବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତିରେ ବିଜ୍ଞାପନ ପ୍ରକାଶନରୁ ବାଦ ପଡୁଥିବା କେତେଗୋଟି ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ରର ଦୁର୍ଦ୍ଦଶା ୨୦୨୩ ସେପ୍ଟେମ୍ବରରେ ପ୍ରକାଶନ ପ୍ରାଙ୍ଗଣ ଡେଇଁ ସର୍ବସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ସମ୍ବାଦ ଉପଭୋକ୍ତା କ୍ରମଶଃ ଡିଜିଟାଲ ମଞ୍ଚମୁହାଁ ହେଉଥିବା ହେତୁ କେନ୍ଦ୍ର ସରକାରଙ୍କ ବିଜ୍ଞାପନ ନୀତିରେ ସଂଶୋଧନ କରାଯାଇଥିବା କୁହାଯାଏ । ଗଣମାଧ୍ୟମରେ ପ୍ରକାଶିତ ବିବରଣୀ ଅନୁଯାୟୀ ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକରେ ବ୍ୟୟ କେନ୍ଦ୍ର ସରକାର ୨୦୧୮ରେ ୧୪ ପ୍ରତିଶତ, ୨୦୧୯ରେ ୩୫ ପ୍ରତିଶତ, ୨୦୨୦ରେ ୪୦ ପ୍ରତିଶତ ଏବଂ ୨୦୨୧ରେ ୨୩ ପ୍ରତିଶତ କାଟଛାଟ କରିଥିଲେ । କେନ୍ଦ୍ର ସରକାରଙ୍କ ବିଜ୍ଞାପନ ନୀତି ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶରେ ମଧ୍ୟ ପ୍ରତିଫଳିତ ହୋଇଥିଲା ।

ମହାମାରୀ କାଳରେ ଅର୍ଦ୍ଧାଧିକ ଗ୍ରାହକ ହରାଇଥିବା ସମ୍ବାଦପତ୍ରଗୁଡ଼ିକ ମହାମାରୀ-ପର ଅବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଜ୍ଞାପନ ନୀତିରେ ଭାରାକ୍ରାନ୍ତ । ବିକଶିତ ରାଷ୍ଟ୍ରଗୁଡ଼ିକରେ ମହାମାରୀରେ କ୍ଷତିଗ୍ରସ୍ତ ସମ୍ବାଦ ମଞ୍ଚଗୁଡିକୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ସମ୍ବାଦ ପ୍ରତିଷ୍ଠାନଗୁଡ଼ିକର ଟିକସ ବୋଝ ହାଲୁକା କରିବା ତଥା ନିଯୁକ୍ତ ସାମ୍ବାଦିକମାନଙ୍କ ଦରମା ଦେବା ଭଳି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି । ଆମ ଦେଶରେ ସରକାରଙ୍କ ବାର୍ତ୍ତା ଜନସାଧାରଣରେ ପହଞ୍ଚାଇବା ଲାଗି ବିଜ୍ଞାପନ ବିତରଣ ପରୋକ୍ଷରେ ସମ୍ବାଦପତ୍ର ଭାବମୂର୍ତ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ଅନୁମାନ କରାଯାଏ । କ୍ରମବର୍ଦ୍ଧିଷ୍ଣୁ ସମ୍ବାଦପତ୍ର ବିମୁଖ ପରିବେଶ ସୃଷ୍ଟି ଏହାର ଏକ ଉଦାହରଣ ।

ମୁଦ୍ରିତ ସମ୍ବାଦପତ୍ର ଓ ଡିଜିଟାଲ ସମ୍ବାଦ ମଞ୍ଚରେ ଗୁଣବତ୍ତା ବିକାଶ ଦ୍ୱାରା ହିଁ ଦୀର୍ଘକାଳୀନ ଭିତ୍ତିରେ ସାମ୍ବାଦିକତାର ଅଭିବୃଦ୍ଧି ସମ୍ଭବ । ପ୍ରଥମତଃ, ସାମ୍ବାଦିକତାର ବିକାଶକକ୍ଷେତ୍ରେ ପ୍ରେସ ଇସ୍ତାହାରଭିତ୍ତିକ ସମ୍ବାଦ ପ୍ରକାଶନ ବଦଳରେ ମୌଳିକ ସୃଜନକୁ ଅଗ୍ରାଧିକାର ଦିଆଯିବା ଉଚିତ୍ । ଦ୍ୱିତୀୟତଃ, ସର୍ଜନଶୀଳତା ଅଭାବରେ ସାମ୍ବାଦିକତାକୁ ଏକ ବୃତ୍ତି କିମ୍ବା ଆକର୍ଷଣ 'ପ୍ରଫେସନ ଅର ଗ୍ଲାମର' ହିସାବରେ ଗ୍ରହଣ କରାଯାଇପାରେନା । ସାମ୍ବାଦିକତା ସର୍ଜନଶୀଳ ପ୍ରତିଭା ଖୋଜେ । ତୃତୀୟତଃ, ଓଡ଼ିଆ ଗଣମାଧ୍ୟମରେ ବିଚ୍ଛୁରିତ ଗଣମାଧ୍ୟମ ମଞ୍ଚଗୁଡ଼ିକର ଏକତ୍ରୀକରଣ 'କନସୋଲିଡ଼େସନ' ଅନିର୍ବାର୍ଯ୍ୟ । ଏହି ନୀତିଗୁଡ଼ିକ କାର୍ଯ୍ୟକାରୀ ହୋଇପାରିଲେ ସମ୍ବାଦକୁ ବିକ୍ରୀଯୋଗ୍ୟ 'ମନିଟାଇଜେସନ' କରାଯାଇ ସରକାରୀ ଓ ବେସରକାରୀ ବିଜ୍ଞାପନର ଚକ୍ରବ୍ୟୂହରୁ ବର୍ତ୍ତିବା ସମ୍ଭବପର । ସକ୍ରିୟ ଗଣତନ୍ତ୍ର ପ୍ରତିଷ୍ଠା ତଥା ଜନହିତରେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକ ନିଜ ଭୂମିକା ନିର୍ବାହ ନିମନ୍ତେ ସୃଜନ ଆଶ୍ରିତ ମୂଲ୍ୟବୋଧ ସୁରକ୍ଷା ସହାୟକ ହେବା ବିଶ୍ୱାସ କରାଯାଇପାରେ । ସମ୍ଭାବ୍ୟ ଡିଜିଟାଲ ପରିବେଶରେ ମୁଦ୍ରିତ ସମ୍ବାଦପତ୍ର କେବଳ ବଞ୍ଚି ରହିବା କାହିଁକି, ପ୍ରଭାବଶାଳୀ ହେବାରେ ଗୁଣାତ୍ମକ ସାମ୍ବାଦିକତା ପରିପ୍ରକାଶ ହିଁ ଏକମାତ୍ର ବିକଳ୍ପ ।


ବର୍ଷ ୨୭, ସଂଖ୍ୟା- ୩୯, ୨୪ - ୩୦ ସେପ୍ଟେମ୍ବର ୨୦୨୩

# ମହିଳା ସଂରକ୍ଷଣ ବିଲ୍

ବହୁ ପ୍ରତୀକ୍ଷିତ ମହିଳା ସଂରକ୍ଷଣ ବିଲ୍‌କୁ ଲୋକସଭାରେ ଅନୁମୋଦନ ମିଳିଛି । ସଂସଦର ସ୍ୱତନ୍ତ୍ର ଅଧିବେଶନର ତୃତୀୟ କାର୍ଯ୍ୟ ଦିବସରେ ଏହି ବିଲ୍‌କୁ ବହୁମତରେ ପାରିତ କରାଯାଇଛି । 'ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍' ନାମରେ ଏହି ବିଲ୍‌କୁ ମଞ୍ଜୁରୀ ମିଳିଥିବା ବେଳେ ବିଲ୍ ସପକ୍ଷରେ ୪୫୪ ଭୋଟ୍ ଏବଂ ବିରୋଧରେ ମାତ୍ର ଦୁଇଟି ଭୋଟ୍ ମିଳିଥିଲା । ଲୋକସଭାରେ ବିଲ୍‌କୁ ମଞ୍ଜୁରୀ ମିଳିବା ପରେ ରାଜ୍ୟସଭାରେ ମଧ ତାହା ସର୍ବସମ୍ମତି କ୍ରମେ ପାରିତ ହୋଇଛି । ଏହାକୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯିବ । ଆବଶ୍ୟକ ଅନୁମୋଦନ ଲାଭ କରିବା ପରେ ଏହି ବିଲ୍ ଆଇନରେ ପରିଣତ ହେବ । ପ୍ରାୟ ୬୦ ସାଂସଦ ମହିଳା ସଂରକ୍ଷଣ ବିଲ୍ ଉପରେ ଚର୍ଚ୍ଚାରେ ଭାଗ ନେଇଥିଲେ । ଏହି ବିଲ୍‌କୁ ବିଭିନ୍ନ ଦଳ ମଧ ସମର୍ଥନ ଜଣାଇଥିଲେ । ତେବେ ଏହାକୁ ଯଥାଶୀଘ୍ର ଲାଗୁ କରିବା ଏବଂ ଓବିସି କୋଟା ସାମିଲ କରିବା ପାଇଁ କଂଗ୍ରେସ୍ ପକ୍ଷରୁ ଦାବି କରାଯାଇଛି । ଓବିସି କୋଟା ବିନା ଏହି ବିଲ୍‌ର କିଛି ଅର୍ଥ ନାହିଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯୁକ୍ତି କରିଥିଲା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ତାଙ୍କ ଦଳ କୌଣସି ରାଜନୀତିକ ଅଭିସନ୍ଧି ବିନା ଏହି ବିଲ୍ ଆଣିଛି । ମହିଳାମାନଙ୍କୁ ସଂସଦ ଏବଂ ବିଧାନସଭାରେ ଉପଯୁକ୍ତ ସଂଖ୍ୟାରେ ସ୍ଥାନ ଦେବାକୁ ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ତେବେ ଏହାକୁ ୨୦୨୬ରେ କାର୍ଯ୍ୟକାରୀ କରାଯାଇପାରେ ବୋଲି ସେ ସଙ୍କେତ ଦେଇଛନ୍ତି । ୨୦୨୪ ନିର୍ବାଚନ ପରେ ଦେଶରେ ତୁରନ୍ତ ଜନଗଣନା କରାଯିବ । ଜନଗଣନା ରିପୋର୍ଟକୁ ଆଧାର କରି ପରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ (ଡିଲିମିଟେସନ) କରାଯିବ । ଏହାପରେ ମହିଳା ସଂରକ୍ଷଣ ଆଇନ ଲାଗୁ କରାଯିବ ବୋଲି ଶାହ କହିଛନ୍ତି । ଏହି ବିଲ୍‌ରେ ବିଧାନସଭା ଏବଂ ଲୋକସଭାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ରହିବା ନିୟମ ରହିଥିଲା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ପାଇଁ ରହିଥିବା ସଂରକ୍ଷିତ ଆସନ ମଧରୁ ୩୩ ପ୍ରତିଶତ ଆସନ ଏହି ଦୁଇ ଶ୍ରେଣୀର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିବ ।

ମହିଳା ସଂରକ୍ଷଣ ପାଇଁ ୧୦୮ତମ ସମ୍ବିଧାନ ସଂଶୋଧନ ବିଧେୟକ ୨୦୧୦ ମାର୍ଚ୍ଚ ୯ରେ ରାଜ୍ୟସଭାରେ ଗୃହୀତ ହୋଇଥିଲା । ମାତ୍ର ଏହି ବିଧେୟକ ଲୋକସଭାରେ ଆଗତ ହୋଇପାରି ନଥିଲା । ଲୋକସଭାର ଅବଧି ଶେଷ ହୋଇଯିବାରୁ ବିଧେୟକ ନାକଚ ହୋଇ ଯାଇଥିଲା । ୧୯୯୬ରେ ଏଚଡି ଦେବେଗୌଡାଙ୍କ ସରକାର ମହିଳା ସଂରକ୍ଷଣଙ୍କ ନିମନ୍ତେ ୮୧ତମ ସମ୍ବିଧାନ ସଂଶୋଧନ ବିଧେୟକ ଆଗତ କରିଥିଲେ । ବିଧେୟକକୁ ସଂସଦର ଯୁଗ୍ମ ବନ କମିଟିକୁ ସୁପାରିଶ କରାଯାଇଥିଲା । ଇତିମଧରେ ଏକାଦଶ ଲୋକସଭାର ଅବଧି ଶେଷ ହୋଇ ଯାଇଥିଲା ।

ସଂସଦୀୟ ପ୍ରତିନିଧିତ୍ୱ କ୍ଷେତ୍ରରେ ଭାରତ ଅପେକ୍ଷା ପାକିସ୍ତାନ, ନେପାଳ ଓ ବାଂଲାଦେଶରେ ମହିଳାମାନେ ଆଗୁଆ ଅଛନ୍ତି । ବିଶ୍ୱରେ ଏହି ସଂଖ୍ୟା ହାରାହାରି ୨୬ ପ୍ରତିଶତ ରହିଥିବା ବେଳେ ଭାରତରେ ୧୫ ପ୍ରତିଶତ । ନ୍ୟୁଜିଲାଣ୍ଡ ଓ ସଂଯୁକ୍ତ ଆରବ ଭଳି ଦେଶରେ ଏହା ୫୦ ପ୍ରତିଶତ ହୋଇଥିବାବେଳେ ରୁଆଣ୍ଡାରେ ୬୧ ପ୍ରତିଶତ ବୋଲି ଜଣାପଡ଼ିଛି । ପାକିସ୍ତାନରେ ୧୯୫୬ରୁ ମହିଳାଙ୍କ ପାଇଁ ନ୍ୟାସନାଲ ଆସେମ୍ବ୍ଲିରେ ଆସନ ସଂରକ୍ଷଣ କାର୍ଯ୍ୟକାରୀ ହୋଇଥିଲା । ୨୦୦୨ରେ ଏହାକୁ ୧୭ ପ୍ରତିଶତ ଧାର୍ଯ୍ୟ କରାଯାଇଥିଲାବେଳେ ଏବେ ସେଠାରେ ଏହି ପରିମାଣ ୨୦ ପ୍ରତିଶତ ମହିଳା ପ୍ରତିନିଧି ଅଛନ୍ତି । ଭାରତ ଏବେ ୩୩ ପ୍ରତିଶତ ସଂରକ୍ଷଣ ବିଧେୟକ ଆଗତ କରିଛି । ବାଂଲାଦେଶର ଜାତୀୟ ସଂସଦରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି । ଏବେ ସେଠାରେ ମହିଳାଙ୍କ ସଂଖ୍ୟା ୨୧ ପ୍ରତିଶତ । ନେପାଳର ନିମ୍ନ ସଦନରେ ୨୦୦୭ ରୁ ଏକ-ତୃତୀୟାଂଶ ସଂରକ୍ଷଣ ଲାଗୁ ହୋଇଥିଲା ବେଳେ ଏବେ ଏହି ସଂଖ୍ୟା ୩୩ ୦୯ ପ୍ରତିଶତ ରହିଛି । ଆମେରିକାରେ ମହିଳା ପ୍ରତିନିଧିଙ୍କ ସଂଖ୍ୟା ୨୯ ପ୍ରତିଶତ ଓ ବ୍ରିଟେନ୍‌ରେ ୩୫ ପ୍ରତିଶତ ରହିଛି । ଅପରପକ୍ଷରେ ଶ୍ରୀଲଙ୍କାରେ ମାତ୍ର ୫ ପ୍ରତିଶତ ଥିବାବେଳେ କାତାରରେ ୪ ପ୍ରତିଶତ ଓ କ୍ୱେତରେ ୩ ପ୍ରତିଶତ । ଓମାନ୍‌ରେ ସର୍ବନିମ୍ନ ୨ପ୍ରତିଶତ ମହିଳା ପ୍ରତିନିଧିତ୍ୱ ରହିଛି । ଆନ୍ତଃ ସଂସଦୀୟ ସଂଘ ସୂଚନାନୁଯାୟୀ, ବିଶ୍ୱର ବିଭିନ୍ନ ରାଷ୍ଟ୍ରର ସଂସଦରେ ମହିଳାଙ୍କ ପ୍ରତିନିଧି ଦୃଷ୍ଟିରୁ ଭାରତର ସ୍ଥାନ ୧୮୫ ଦେଶ ମଧରେ ୧୪୧ ରହିଛି ।



# ଈଶ୍ୱରଙ୍କର ପ୍ରକୃତି

## ମହାତ୍ମା ଗାନ୍ଧୀ

**ମୋ**'ପାଇଁ ଈଶ୍ୱର ହେଉଛନ୍ତି ସତ୍ୟ ଓ ପ୍ରେମ । ଈଶ୍ୱର ହେଉଛନ୍ତି ନୀତି ଏବଂ ନୈତିକ ଜୀବନ । ଈଶ୍ୱର ହେଉଛନ୍ତି ନିର୍ଭୟତା । ସେ ହେଉଛନ୍ତି ଜୀବନର ଉତ୍ସ, ଆଲୋକର ଉତ୍ସ ଏବଂ ତଥାପି ସେ ଏହି ସବୁକିଛିର ଅତୀତ ହୋଇ ରହିଛନ୍ତି । ଈଶ୍ୱର ହେଉଛନ୍ତି ବିବେକ । ଏପରିକି ସେ ହେଉଛନ୍ତି ଜଣେ ନାସ୍ତିକର ନାସ୍ତିକତା । କାରଣ, ତାଙ୍କର ସୀମାହୀନ ପ୍ରେମ ଭିତରେ ସେ ଜଣେ ନାସ୍ତିକକୁ ମଧ ତା'ଜୀବନକୁ ବଞ୍ଚିବା ଲାଗି ଅନୁମତି ଦେଇଥାନ୍ତି । ସେ ହେଉଛନ୍ତି ହୃଦୟଗୁଡ଼ିକର ଅନୁସନ୍ଧାନକାରୀ । ସେ ସକଳ ବଚନ ଓ ସକଳ ବୁଦ୍ଧିର ଅତୀତ । ଆମ ନିଜ ଅପେକ୍ଷା ଆମକୁ ଓ ଆମର ହୃଦୟକୁ ସେ ଅଧିକ ଭଲଭାବରେ ଜାଣିଛନ୍ତି । ଆମ ମୁହଁର କଥାଗୁଡ଼ିକ ଅନୁସାରେ ସେ ଆମକୁ ମୋଟେ ଗ୍ରହଣ କରନ୍ତିନାହିଁ; କାରଣ ସେ ଜାଣିଥାଆନ୍ତି ଯେ, ଆମେ ଯାହାସବୁ କହୁ, ତାହାକୁ କଦାପି ପ୍ରକୃତରେ ଇଚ୍ଛା କରୁ ନଥାଉ । କେତେକ ଜାଣିଶୁଣି ଓ ଆଉ କେତେକ ଅଜାଣତରେ ସେପରି କରୁଥାଉ । ଯେଉଁମାନେ ତାଙ୍କର ବ୍ୟକ୍ତିଗତ ଉପସ୍ଥିତିକୁ ଆବଶ୍ୟକ କରନ୍ତି, ସେମାନଙ୍କ ଲାଗି ସେ ଜଣେ ବ୍ୟକ୍ତିଗତ ଈଶ୍ୱର ହୋଇ ରହିଥାନ୍ତି । ଯେଉଁମାନେ ତାଙ୍କର ସ୍ପର୍ଶ ଲୋଡୁଥାନ୍ତି, ସେମାନଙ୍କ ଲାଗି ସେ ଶରୀର ଧାରଣ କରନ୍ତି । ସିଏ ହେଉଛନ୍ତି ଶୁଦ୍ଧତମ ଅନ୍ତଃସତ୍ତା । ଯେଉଁମାନଙ୍କର ବିଶ୍ୱାସ ରହିଛି, ସେମାନଙ୍କ ଲାଗି ସେ କେବଳ ବିଦ୍ୟମାନ ହିଁ ରହିଥାନ୍ତି । ଯାବତୀୟ ପ୍ରକାରର ମନୁଷ୍ୟଙ୍କୁ ସେ ଯାବତୀୟ ପ୍ରକାରର ବସ୍ତୁହୋଇ ରହିଥାନ୍ତି । ସେ ଆମ ଭିତରେ ଅଛନ୍ତି, ତଥାପି ଆମର ଊର୍ଦ୍ଧ୍ୱରେ ଓ ଆମର ଅତୀତ ହୋଇ ରହିଛନ୍ତି ।....

ତାଙ୍କ ନାମରେ ନାନା ଘୃଣ୍ୟ ଅନୈତିକତା ଏବଂ ଅମାନୁଷିକ ନୃଶଂସତାର ଆଚରଣ କରାଯାଉଛି ବୋଲି ଯେ ସିଏ ନାହାନ୍ତି, ସେକଥା ଆଦୌ ନୁହେଁ, ସେ ଦୀର୍ଘକାଳରୁ କଷ୍ଟ ସହି ଆସୁଛନ୍ତି । ସେ ଅତ୍ୟନ୍ତ ଧୈର୍ଯ୍ୟଶୀଳ, ମାତ୍ର ସେ ଭୟାନକ ମଧ ହୋଇପାରନ୍ତି । ବର୍ତ୍ତମାନର ପୃଥିବୀରେ ଏବଂ ଏହାପରେ ଆସୁଥିବା ପୃଥିବୀରେ ସେ ହେଉଛନ୍ତି ଏପରି ଏକ ବରିଷ୍ଠ ବ୍ୟକ୍ତିସତ୍ତା, ଯିଏକି ସବୁଠାରୁ ଅଧିକ କଠୋର ହୋଇ କାର୍ଯ୍ୟ ଆଦାୟ କରିପାରନ୍ତି । ମନୁଷ୍ୟ ଏବଂ ଇତର ପ୍ରାଣୀ—ଆମର ଏହି ପ୍ରତିବେଶୀମାନଙ୍କୁ ଆମେ ଯେଉଁପରି ବ୍ୟବହାର ଦେଖାଇଥାଉ, ଈଶ୍ୱର ଆମମାନଙ୍କ ପ୍ରତି ମଧ ସେହିପରି ଭାବରେ ଅନୁରୂପ ବ୍ୟବହାର ଦେଖାଇଥାନ୍ତି ।

ଅଜ୍ଞାନକୁ ସେ କଦାପି କ୍ଷମା ଦିଅନ୍ତିନାହିଁ । ତଥାପି ସେ ହେଉଛନ୍ତି ସତତ କ୍ଷମାଶୀଳ, କାରଣ ସେ ସର୍ବଦା ଆମକୁ ଅନୁତାପ କରିବାଲାଗି ସୁଯୋଗ ଦେଇଥାନ୍ତି । ପୃଥିବୀ ଯେଉଁମାନଙ୍କୁ ଗଣତନ୍ତ୍ରରେ ବିଶ୍ୱାସୀ ବୋଲି ଜାଣିଛି, ସେ ହେଉଛନ୍ତି ସେମାନଙ୍କ ଭିତରେ ସର୍ବଶ୍ରେଷ୍ଠ, କାରଣ ମନ୍ଦ ଏବଂ ଭଲ ଭିତରେ ଆମ ନିଜ ନିର୍ବାଚନକୁ ନିଜେ କରିନେବା ପାଇଁ ସେ ଆମକୁ ସର୍ବଦା 'ବନ୍ଧନମୁକ୍ତ' କରି ରଖିଥାନ୍ତି । ଆମ ଜାଣିବାରେ ସିଏ ହେଉଛନ୍ତି ଚରମ ସ୍ତରର ଉତ୍ପୀଡ଼କ, କାରଣ ସେ ଅନେକ ସମୟରେ ଆମ ମୁହଁ ପାଖରୁ ହିଁ ପିଆଲାଟିକୁ ଛଡ଼ାଇ ନେଇଯାନ୍ତି ଏବଂ ମୁକ୍ତ ଇଚ୍ଛାର ଆଚ୍ଛାଦନ ତଳେ ସେ ଆମକୁ ଏତେ ଅଳପ ସ୍ୱାଧୀନତା ଦେଇ ଗାର ଟାଣିଦେଇଥାନ୍ତି ଯେ, ଆମର ଦଶାକୁ ଅବଲୋକନ କରି କେବଳ ମଜା ହିଁ ଦେଖିବାରେ ଲାଗିଥାନ୍ତି । ସେହି କାରଣରୁ ହିଁ ହିନ୍ଦୁଧର୍ମ ଏହି ସବୁକିଛିକୁ ତାଙ୍କର ଲୀଳା ବୋଲି କହିଥାଏ ଅଥବା, ଏହାକୁ ମାୟା ବୋଲି ବି କହିଥାଏ । ଆମେ କେହି ନାହୁଁ, କେବଳ ସେଇ ଅଛନ୍ତି । ଯଦି ଆମେ ତିଷ୍ଠି ରହିବାକୁ ଚାହୁଁ, ତେବେ ଆମକୁ ଚିରକାଳ ଲାଗି ତାଙ୍କରି ପ୍ରଶଂସାଗାନ କରିବାକୁ ପଡ଼ିବ ଏବଂ ତାଙ୍କରି ଇଚ୍ଛାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଆମେ ଚାଲ ତାଙ୍କରି ବଂଶୀର ତାଳ ଅନୁସାରେ ନାଚିବା, ତେବେ ସବୁକିଛି ଅବଶ୍ୟ ଶୁଭଙ୍କର ହୋଇ ରହିବ ।

ଏହି ପୃଥିବୀରେ ମୁଁ ଯେତେ କାମ ଆଦାୟ କରୁଥିବା ମାଲିକଙ୍କୁ ଜାଣେ, ଈଶ୍ୱର ହେଉଛନ୍ତି ସମସ୍ତଙ୍କଠାରୁ ଅଧିକ କଠୋର । ସେ ତୁମକୁ ଗୋଟାସୁଦ୍ଧା ପରୀକ୍ଷା କରି ଦେଖନ୍ତି । ଯେତେବେଳେ ତୁମର ବିଶ୍ୱାସ ଜଣା ହୋଇଯାଉଛି, ତୁମର ଶରୀର ଅସମର୍ଥ ହୋଇ ଆସୁଛି ଓ ତୁମେ ଏଥର ଢ଼ଳି ପଡ଼ିବ ବୋଲି ଯେତେବେଳେ ଅନୁଭବ କରିବାକୁ ଆରମ୍ଭ କର, ସେତେବେଳେ ସେ ଯେକୌଣସି ଉପାୟରେ ହେଲେ ମଧ ତୁମର ସହାୟତା କରିବା ପାଇଁ ଆସନ୍ତା, ତୁମର ଆପଣା ବିଶ୍ୱାସ କଦାପି ହରାଇବା ଉଚିତ ନୁହେଁ, ସିଏ ଯେ ସର୍ବଦା ତୁମର ଡାକରାର ଉତ୍ତର ଦେବେ—ମାତ୍ର ତୁମ ସର୍ତ୍ତରେ ନୁହେଁ, କେବଳ ତାଙ୍କ ନିଜ ସର୍ତ୍ତରେ ହିଁ ଜବାବ ଦେବେ, ସେହି କଥାକୁ ପ୍ରମାଣିତ କରି ଦିଅନ୍ତି । ମୁଁ ତାଙ୍କୁ ଠିକ୍ ଏହିପରି ଭାବରେ ଦେଖିବାକୁ ପାଇଛି । ମୁଁ ବସ୍ତୁତଃ ଏପରି ଗୋଟିଏ ଅବସରକୁ ମଧ ସ୍ମରଣ କରି ପାରୁନାହିଁ, ଯେତେବେଳେ କି ସେ ଶେଷ ବେଳରେ ଛାଡ଼ି ଚାଲି ଯାଇଛନ୍ତି ।

ହିନ୍ଦୁ ଶାସ୍ତ୍ରମାନଙ୍କରେ ଯାହାକୁ ଈଶ୍ୱରଙ୍କର ସହସ୍ର ନାମ ବୋଲି କୁହାଯାଇଛି, ମୋ' ଯୁବାବସ୍ଥାର ପ୍ରଥମ କାଳରେ ମୋତେ ତାହାର ଜପ କରିବା ଲାଗି ଶିକ୍ଷା ଦିଆଯାଇଥିଲା । ମାତ୍ର ଏହିସବୁ ସହସ୍ର ନାମ ଭିତରେ ଈଶ୍ୱରଙ୍କର ସବୁଯାକ ନାମ ଯେ ଅନ୍ତର୍ଭୁକ୍ତ ହୋଇ ରହିଥିଲା, ସେ କଥା ଆଦୌ ନୁହେଁ । ଆମେ ବିଶ୍ୱାସ କରୁ ଯେ, ଏବଂ ମୁଁ ଏହାକୁ ସତ ବୋଲି ଭାବୁଛି, ପୃଥିବୀରେ ଯେତେ ଜୀବ ଅଛନ୍ତି, ଈଶ୍ୱରଙ୍କର ସେତିକି ନାମ ରହିଛି ଏବଂ ସେହି କାରଣରୁ ଆମେ ଈଶ୍ୱରଙ୍କୁ ନାମହୀନ ବୋଲି ମଧ କହିଥାଉ । ଈଶ୍ୱରଙ୍କର ଅନେକ ରୂପ ରହିଥିବାରୁ ଆମେ ତାଙ୍କୁ ରୂପହୀନ ବୋଲି କହିଥାଉ । ପୁନଶ୍ଚ, ଆମକୁ ସେ ଅନେକ ଭାଷାରେ କଥା କହୁଥିବାରୁ, ଆମେ ତାଙ୍କୁ ଅବାକ୍ ବା ମୌନ ବୋଲି ମଧ କହୁ, ଇତ୍ୟାଦି, ଇତ୍ୟାଦି । ସେହିପରି ଭାବରେ, ମୁଁ ଯେତେବେଳେ ଇସ୍‌ଲାମର ଅଧ୍ୟୟନ କରିବା ଆରମ୍ଭ କଲି, ମୁଁ ଜାଣିବାକୁ ପାଇଲି ଯେ ଇସ୍‌ଲାମ୍‌ରେ ମଧ ଈଶ୍ୱରଙ୍କର ଅନେକ ନାମ ରହିଛି ।

ଯେଉଁମାନେ ଭଗବାନଙ୍କୁ ପ୍ରେମସ୍ୱରୂପ ବୋଲି କହନ୍ତି, ମୁଁ ସେମାନଙ୍କ ସହିତ ଏକମତ ହୋଇ ଭଗବାନ ଅବଶ୍ୟ ପ୍ରେମସ୍ୱରୂପ ବୋଲି କହିବି । ମାତ୍ର, ମୋ' ନିଜ ଭିତରେ ବହୁ ଗଭୀରରେ ମୁଁ କହୁଥିଲି ଯେ, ଭଗବାନ ପ୍ରେମସ୍ୱରୂପ ହୋଇଥିଲେ ହେଁ ତାଙ୍କୁ ସର୍ବୋପରି ସତ୍ୟସ୍ୱରୂପ ବୋଲି କୁହାଯାଇ ପାରିବ । ଭଗବାନଙ୍କର ପରିପୂର୍ଣ୍ଣତମ ବର୍ଣ୍ଣନାଟିଏ ଦେବା ଯଦି ମନୁଷ୍ୟର ଭାଷା ଲାଗି ସମ୍ଭବ ହେବ, ତେବେ ମୁଁ ଏହି ସିଦ୍ଧାନ୍ତରେ ଆସି ଉପନୀତ ହୋଇଛି ଯେ, ଅନ୍ତତଃ ମୋ'ପାଇଁ ସେ ହେଉଛନ୍ତି ସତ୍ୟସ୍ୱରୂପ ।

ମାତ୍ର, ଦୁଇ ବର୍ଷ ପୂର୍ବେ ମୁଁ ଆହୁରି ଗୋଟିଏ ପାଦ ଆଗକୁ ଯାଇ ସତ୍ୟ ହିଁ ଭଗବାନ ବୋଲି କହିଲି । ଭଗବାନ ହେଉଛନ୍ତି ସତ୍ୟ ଓ ସତ୍ୟ ହେଉଛି ଭଗବାନ । ଏହି ଦୁଇ ବାକ୍ୟ ମଧରେ ରହିଥିବା ସୂକ୍ଷ୍ମ ପ୍ରଭେଦଟିକୁ ତୁମେ ଅବଶ୍ୟ ଦେଖି ପାରିବ । ପ୍ରାୟ ପଚାଶ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ସତ୍ୟ ଲାଗି ମୋ'ର ଅବିରାମ ଏବଂ ଅଦମ୍ୟ ଅନ୍ୱେଷଣ ପରେ ଯାଇ ମୁଁ ଏହି ସିଦ୍ଧାନ୍ତଟିରେ ଆସି ଉପନୀତ ହେଲି ।

ତା'ପରେ ମୁଁ ଦେଖି ପାରିଲି ଯେ, କେବଳ ପ୍ରେମର ମାଧମରେ ହିଁ ଆମେ ନିକଟତମ ରାସ୍ତା ଦେଇ ସତ୍ୟରେ ପହଞ୍ଚି ପାରିବା । ମାତ୍ର, ମୁଁ ଏକଥା ମଧ ଦେଖୁଥିଲି ଯେ, ଅନ୍ତତଃ ଇଂରାଜୀ ଭାଷାରେ ପ୍ରେମର ଅନେକ ଅର୍ଥ ରହିଛି । ଏକ ତୀବ୍ର ବାସନାର ସମବାଚୀ ଭାବରେ ମାନବିକ ପ୍ରେମ ମଧ ଅବମାନନାତ୍ମକ ସ୍ତରକୁ ଖସି ଆସିପାରିବ । ମୁଁ ଏକଥା ମଧ ଆବିଷ୍କାର କରିଥିଲି ଯେ ଅହିଂସାର ଅର୍ଥରେ ପୃଥିବୀରେ ପ୍ରେମର ଅତି ଅଳ୍ପସଂଖ୍ୟକ ଉପାସକ ରହିଛନ୍ତି । ମାତ୍ର, ସତ୍ୟର କ୍ଷେତ୍ରରେ ଏପରି କୌଣସି ଦ୍ୱି-ଅର୍ଥବୋଧକ ଅର୍ଥ ରହିଛି ବୋଲି ମୁଁ ଆଦୌ ଦେଖି ନ ଥିଲି ଏବଂ ନାସ୍ତିକମାନେ ମଧ ସତ୍ୟର ଆବଶ୍ୟକତା ତଥା ଶକ୍ତି ସମ୍ବନ୍ଧରେ କୌଣସି ଆପତ୍ତି କରି ନାହାନ୍ତି ।

ମାତ୍ର, ସତ୍ୟକୁ ଆବିଷ୍କାର କରିବାର ଅତ୍ୟୁତ୍ସାହରେ ପଡ଼ି ନାସ୍ତିକମାନେ ଈଶ୍ୱରଙ୍କର ଅସ୍ତିତ୍ୱକୁ ମଧ ଅସ୍ୱୀକାର କରିବାକୁ ଆଦୌ କୁଣ୍ଠିତ ହୋଇ ନାହାନ୍ତି—ସେମାନଙ୍କର ନିଜ ଦୃଷ୍ଟିକୋଣରୁ ସେମାନେ ଠିକ୍ ହିଁ କରିଛନ୍ତି । ଏହିପରି ଏକ ଯୁକ୍ତି ଦର୍ଶାଯାଇ ପାରୁଥିବା ହେତୁ ମୁଁ ଦେଖି ପାରିଲି ଯେ, ଈଶ୍ୱର ହିଁ ସତ୍ୟ ବୋଲି ନକହି ବରଂ ସତ୍ୟ ହିଁ ଈଶ୍ୱର ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ହେବ ।

ଈଶ୍ୱର ଅବଶ୍ୟ ସତ୍ୟ, ମାତ୍ର ଈଶ୍ୱରଙ୍କୁ ଆହୁରି ଅନେକ କିଛି ବୋଲି ମଧ କୁହାଯାଇ ପାରିବ । ସେହି କାରଣରୁ ହିଁ ମୁଁ ସତ୍ୟ ହିଁ ଈଶ୍ୱର ବୋଲି କହୁଛି ।.... କେବଳ ମନେ ରଖିବାକୁ ହେବ ଯେ, ସତ୍ୟ ଆମେ ଉଲ୍ଲେଖ କରୁଥିବା ଗୁଣଗୁଡ଼ିକ ମଧରେ ଆଦୌ ଏକ ଅନ୍ୟତମ ଗୁଣ ନୁହେଁ । ସତ୍ୟ ହେଉଛି ଈଶ୍ୱରଙ୍କର ଜୀବନ୍ତ ଅବତାର, ଏହା ହିଁ ଏକମାତ୍ର ପ୍ରାଣସ୍ୱରୂପ ଏବଂ ସତ୍ୟ କହିଲେ ମୁଁ ତାହାକୁ ପରିପୂର୍ଣ୍ଣତମ ଜୀବନର ଏକାତ୍ମକ କରି ବୁଝିଥାଏ । ସେହି କାରଣରୁ ତାହା ଏକ ମୂର୍ତ୍ତ ବସ୍ତୁରେ ପରିଣତ ହୋଇଯାଏ ; କାରଣ ଭଗବାନ ହିଁ ତାଙ୍କର ଏହି ସମଗ୍ର ସୃଷ୍ଟି, ଏହି ସମଗ୍ର ଅସ୍ତିତ୍ୱ ଏବଂ ଯାହାକିଛି ରହିଛି ତାହାରି ଅର୍ଥାତ୍ ସତ୍ୟର ସେବା କରିବା ହିଁ ଭଗବାନଙ୍କର ସେବା କରିବା ।

ପରିପୂର୍ଣ୍ଣତା ହେଉଛି ସର୍ବଶକ୍ତିମାନ୍ ପରମେଶ୍ୱରଙ୍କର ଗୁଣ, ମାତ୍ର ତଥାପି ସେ କେଡ଼େ ମହାନ୍ ଲୋକତନ୍ତ୍ରବାଦୀ ପରି ଆଚରଣ ନକରନ୍ତି । ଆମମାନଙ୍କ ସକାଶେ ତାଙ୍କୁ କେତେ ଭୁଲ ଏବଂ ଛଳକପଟ ସହ୍ୟ କରିବାକୁ ନପଡ଼େ ! ଆମ ଭଳି ତାଙ୍କର ଅତ୍ୟନ୍ତ ମହତ୍ତ୍ୱହୀନ ସୃଷ୍ଟ ଜୀବମାନେ ତାଙ୍କର ଅସ୍ତିତ୍ୱ ବିଷୟରେ ସଂଶୟ ପ୍ରକାଶ କରନ୍ତି ଓ ସେ ତାହାକୁ ମଧ ସହ୍ୟ କରନ୍ତି । ଆମ ଚତୁର୍ଦ୍ଦିଗରେ ଓ ଆମ ଭିତରେ ଥିବା ପ୍ରତ୍ୟେକ ଅଣୁରେ ସେ ବିଦ୍ୟମାନ ରହିଥାନ୍ତି, ତଥାପି ସେମାନେ ସେହିପରି ସନ୍ଦେହ କରୁଥାନ୍ତି । ଯାହାକୁ ସେ ନିର୍ବାଚନ କରିବେ, କେବଳ ତାହାରି ପାଇଁ ପ୍ରକଟ ହେବାର ଅଧିକାର ତାଙ୍କର ନିରନ୍ତର ରହିଛି । ଏକ ସତ୍ତା ହିସାବରେ ତାଙ୍କର ହାତ ନାହିଁ କି ଗୋଡ଼ ନାହିଁ, ଅନ୍ୟାନ୍ୟ ଅବୟବମାନ ମଧ ନାହିଁ ; ତଥାପି ଆପଣାକୁ ଯାହା ସମ୍ମୁଖରେ ସେ ଆବିର୍ଭୂତ କରାଇବାକୁ ନିର୍ବାଚିତ କରନ୍ତି, ସେ ତାଙ୍କୁ ଅବଶ୍ୟ ଦେଖିବାକୁ ସମର୍ଥ ହୁଏ ।

# ସ୍ୱର୍ବେଦ

ଅଷ୍ଟମ ଅଧ୍ୟାୟ

**ମୁଛି ଉପାସନ ପୁରୁଷ କେ,**
**ପରମେଶ୍ୱର ପର ଦେଓ୍ୱ ।**
**ମୁଛି ନ ଜୀଓ୍ୱ ଅରାଧନା, ବନ**
**କୃତଘ୍ନି ଜୀଓ୍ୱ ସେଓ୍ୱ ।।୦୧।।**

ଭାଷ୍ୟ - ସମସ୍ତ ଦେବଙ୍କର ଦେବ ପରମଦେବ, ପରମ ପୁରୁଷଙ୍କର ଉପାସନାରୁ ମୋକ୍ଷପ୍ରାପ୍ତି ହୋଇଥାଏ । ଜୀବମାନଙ୍କର ଆରାଧନାରୁ ମୁକ୍ତି କିମ୍ବା ମୋକ୍ଷ ମିଳେ ନାହିଁ । ମହାପ୍ରଭୁଙ୍କର ଉପାସନା ଛାଡ଼ି ଜୀବମାନଙ୍କର ଉପାସନା କରିବା କୃତଘ୍ନତା ଅଟେ ।

**ଯୋଗ ଓ୍ୱିହଙ୍ଗ ସମାଧି ମେଁ, ଜ୍ଞାନ**
**ଗମ୍ୟ ପ୍ରଭୁ ହୋୟ ।**
**ଅନ୍ୟ ଉପାୟ ନ କ୍ଷେତ୍ର ମେଁ,**
**ମନ କଳ୍ପିତ ଭ୍ରମ ସୋୟ ।।୦୨।।**


ଭାଷ୍ୟ - ମହାପ୍ରଭୁଙ୍କୁ ବିହଙ୍ଗମ ଯୋଗ ସମାଧିର ଅନୁଭବ ଜ୍ଞାନ ଦ୍ୱାରା ହିଁ ଲାଭ କରିହୁଏ । ଏହାର ପ୍ରାପ୍ତି ନିମନ୍ତେ ପ୍ରକୃତି ମଣ୍ଡଳରେ ଆଉ କୌଣସି ଉପାୟ ନାହିଁ । ଯେଉଁସବୁ ସାଧନ ରହିଛି ବୋଲି ଆମେ ବିବେଚନା କରୁ ସେ ସମସ୍ତ ମନକଳ୍ପିତ ଏବଂ ଭ୍ରମଯୁକ୍ତ ଅଟେ ।

**ଉପଲବ୍ଧ ଆନନ୍ଦ ହୈ, ସହଜ**
**ସମାଧୀ ପାୟ ।**
**ଅନୁଭଓ୍ୱ ଚେତନ କରଣ ସେ,**
**ସୋ ସୁଖ ଓ୍ୱରଣି ନ ଜାୟ ।।୦୩।।**

ଭାଷ୍ୟ - ସହଜ ସମାଧି ଦ୍ୱାରା ଚେତନ କରଣରେ ଯେଉଁ ଆନନ୍ଦ ପ୍ରାପ୍ତ ହୁଏ, ସେହି ଅନୁଭବର ସୁଖ ବର୍ଣ୍ଣନା କରାଯାଇ ପାରିବ ନାହିଁ । ଏହା ଅନୁପମେୟ ପରମ ସୁଖ ଅଟେ ।

**ପରବ୍ରହ୍ମ ଉପଲବ୍ଧି ହୈ, ଜୀତେ**
**ଜୀଓ୍ୱ ସମାଧି ।**
**ମରନ ବାଦ ଫିର ଜନମ ହୈ,**
**ୟହ ଜଗ ରୋଗ ଅସାଧି ।।୦୪।।**

ଭାଷ୍ୟ - ସହଜ ଯୋଗ ସମାଧି ଦ୍ୱାରା ଏହି ଶରୀରରେ ଜୀବନ୍ମୁକ୍ତି ଅର୍ଥାତ୍ ପରଂବ୍ରହ୍ମଙ୍କର ପ୍ରାପ୍ତି ହୋଇଥାଏ । ମୃତ୍ୟୁ ପରେ ଜନ୍ମ ହୋଇଥାଏ । ଏହି ଜନ୍ମ-ମରଣ ରୂପୀ ଅସାଧ୍ୟ ରୋଗରୁ ନିବୃତ୍ତି ପ୍ରଭୁଙ୍କ ଦ୍ୱାରା ଜୀବନ୍ମୁକ୍ତି ହେବା ପରେ




ହୋଇଥାଏ । ମୁକ୍ତି ଜୀବିତାବସ୍ଥାରେ ହୋଇଥାଏ, ମୃତ୍ୟୁ ପରେ ନୁହେଁ ।

**ଯୋଗୀ ସହଜ ସମାଧି ମେଁ,**
**ଜିଓ୍ୱନ୍ମୁଛି ପଦ ପାୟ ।**
**ମରଣ ମୁଛି ଆଶା ନହାଁ, ମରଣ**
**କରମ ଦୁଖ ଧାୟ ।।୦୫।।**

ଭାଷ୍ୟ - ଯୋଗୀ ସହଜ ସମାଧି ଦ୍ୱାରା ଜୀବନ୍ମୁକ୍ତି ଅବସ୍ଥାକୁ ପ୍ରାପ୍ତ କରିଥାଏ । ମୃତ୍ୟୁପରେ ମୁକ୍ତିର ଆଶା ବ୍ୟର୍ଥ ଅଟେ । ମୃତ୍ୟୁ ପରେ କର୍ମ ଅନୁସାରେ ଜନ୍ମ ହୋଇଥାଏ, ମୁକ୍ତି ନୁହେଁ ।

**ସନ୍ତ ମୁଛି ମନ ଭାଓ୍ୱନୀ,**
**ଅବ୍ୟାହତ ଗତି ପାୟ ।**
**ସୋ ଦୁର୍ଲଭ ହଁସନ ମିଲୈ, ଶବ୍ଦ**
**ମେଁ ସୁରତି ସମାୟ ।।୦୬।।**

ଭାଷ୍ୟ - ସନ୍ଥର ମୁକ୍ତି ସ୍ୱତନ୍ତ୍ର ହୋଇଥାଏ, ଯେଉଁଥିରେ ଆତ୍ମା ସ୍ୱଚ୍ଛନ୍ଦ, ଅବ୍ୟାହତ ଗତିରେ ପରମାନନ୍ଦ, ମୋକ୍ଷ ସୁଖକୁ ପ୍ରାପ୍ତ କରିଥାଏ । ଏହି ଦୁର୍ଲଭ ସ୍ୱତନ୍ତ୍ର ମୁକ୍ତି ହଂସମାନଙ୍କୁ ପ୍ରାପ୍ତ ହୋଇଥାଏ, ଯେଉଁମାନେ ସୁରତି ଶବ୍ଦରେ ପ୍ରବେଶ କରିସାରିଛନ୍ତି ।

**ଆଗେ ଦ୍ୱାରା ବନ୍ଦ ହୈ, ଭଛି**
**ଭେଦ ବହୁ ଭେଦ ।**
**ବିନ ସଦ୍‌ଗୁରୁ କୀ ଭଛି କେ, ପ୍ରଭୁ**
**କୀ ଭଛି ନ ଓ୍ୱେଦ ।।୦୭।।**

ଭାଷ୍ୟ - ପ୍ରକୃତିର ମଣ୍ଡଳଟିଏ ରହିଛି । ସେହି ସୀମା ପର୍ଯ୍ୟନ୍ତ ମନ ପହଞ୍ଚିପାରେ । ଗୁରୁଗମ୍ୟ ସାଧନ ଦ୍ୱାରା ଆଗକୁ ପଥ ଖୋଲିଯାଏ ଆଉ ବିଶେଷ ଗୁରୁକୃପା ହେବା ଦ୍ୱାରା ବିଶେଷ ପ୍ରକାଶ ଦ୍ୱାରର ପ୍ରାପ୍ତି ହୋଇଥାଏ । ସେଥିପାଇଁ ସଦ୍‌ଗୁରୁଙ୍କ ଭକ୍ତିରୁ ହିଁ ପ୍ରଭୁଙ୍କର ଭକ୍ତି ହୋଇଥାଏ । ସଦ୍‌ଗୁରୁ ବିନା ଆଗରେ ଥିବା ବନ୍ଦ ମାର୍ଗ ଉନ୍ମୁକ୍ତ ହୁଏନାହିଁ । ସଦ୍‌ଗୁରୁ ହିଁ ଏହି ଅନୁଭବଗମ୍ୟ ମାର୍ଗ ଦେଖାଇଥାନ୍ତି । ତାଙ୍କରି ପ୍ରକାଶରେ ଆତ୍ମା ସେହି ଚେତନ ପ୍ରକାଶକୁ ପ୍ରାପ୍ତ କରି କୃତକୃତ୍ୟ ହୋଇଯାଏ ।

**ଆରତ ଦୀନ ଅଧୀନତା, ସତ୍ୟ**
**ଅହିଂସା ଭାଓ୍ୱ ।**
**ଉପଯୋଗୀ ୟହ ଭଛି କେ,**
**ସଦ୍‌ଗୁରୁ ଚରଣ ସମାଓ୍ୱ ।।୦୮।।**

ଭାଷ୍ୟ - ଆର୍ତ୍ତ, ଦୀନ, ଅଧୀନ, ସତ୍ୟ, ଅହିଂସା ଏବଂ ସଦ୍‌ଗୁରୁଙ୍କର ଚରଣରେ ଶୁଦ୍ଧ ପ୍ରେମ - ଏସବୁ ଭକ୍ତିର ଉପଯୋଗୀ ଗୁଣ ଅଟେ, ଯାହା ଦ୍ୱାରା ଜୀବନ ଆଧ୍ୟାତ୍ମ ପଥରେ ଅଗ୍ରସର ହୋଇ ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ପ୍ରଯତ୍ନ କରିଥାଏ ।

**ଥୂଲ ସୂକ୍ଷ୍ମ କାରଣ ବନା, ମୟ**
**କାରଣ ସେ ଏହ ।**
**କେଓ୍ୱଲ ହଁସ ସ୍ୱରୂପ ହୈ, ୟହ**
**ଷଟ ଜାନୋ ଦେହ ।।୧୭।।**

ଭାଷ୍ୟ - ସ୍ଥୂଳ, ସୂକ୍ଷ୍ମ କାରଣ, ମହାକାରଣ, କୈବଲ୍ୟ ଆଉ ହଂସ - ଏସବୁ ଷଡ଼ ଶରୀରର ଭେଦ ଅଟନ୍ତି ।

**ଆତମ ଶୁଦ୍ଧ ସ୍ୱରୂପ ମେଁ, କରଣ**
**ସା ମାନସ ଦେହ ।**
**ସର୍ଓ୍ୱ କ୍ରିୟା ଚେତନ ରହେ, ମୁଛ**
**ହଁସ ହୈ ଏହ ।।୧୮।।**

ଭାଷ୍ୟ - ମୁକ୍ତିରେ ଆତ୍ମା ନିଜ ଶୁଦ୍ଧ ଚେତନ ସ୍ୱରୂପରେ ପରମାନନ୍ଦର ଉପଭୋଗ କରିଥାଏ । ମୁକ୍ତିରେ ଆତ୍ମା ନିଜ ନିତ୍ୟ କରଣରୁ ସମସ୍ତ ବ୍ୟବହାର କରିଥାଏ । ପ୍ରକୃତି ଛାଡ଼ିଯିବା ପରେ ପ୍ରକୃତିର ଦ୍ୱାର ବନ୍ଦ ହୋଇଯାଏ ଆଉ ଆତ୍ମା ସେହି ଅନ୍ତର୍ମୁଖୀ ଚେତନ ଶକ୍ତିରେ ପରମାନନ୍ଦ ସମ ମହାନ୍ ସୁଖକୁ ଉପଭୋଗ କରିଥାଏ ।

**ଷୋଡ଼ଶ ସୂର୍ଯ୍ୟ ପ୍ରକାଶ ହୈ,**
**ସଚ୍ଚିଦାନନ୍ଦ ସ୍ୱରୂପ ।**
**ଆତମ ଅଲଗ ଅଧାର ମେଁ,**
**ତନ୍ମୟ ପୁରୁଷ ଅନୂପ ।।୧୯।।**

ଭାଷ୍ୟ - ଶୁଦ୍ଧ ଆତ୍ମାର ଦେହ ହଂସ ସ୍ୱରୂପ ହୋଇଥିବା ବେଳେ ସେହି ଆତ୍ମାରେ ଷୋହଳ ସୂର୍ଯ୍ୟର ପ୍ରକାଶ ରହିଥାଏ । ଆତ୍ମା ଶୁଦ୍ଧ ସ୍ୱରୂପରେ ପରମାନନ୍ଦର ଉପଭୋଗ କରିଥାଏ । ଆନନ୍ଦର ଉପଭୋଗ କରୁଥିବା ଆତ୍ମା ଭିନ୍ନ ବସ୍ତୁ ଅଟେ । ଦୁଇ ଚେତନ ପଦାର୍ଥ ଏକ ହୋଇ ନ ଥାନ୍ତି ବରଂ ତନ୍ମୟ ହୋଇଯାଆନ୍ତି । ଦୁଇ ଚେତନର ଗୁଣ ଏବଂ ସ୍ୱଭାବ ଏକ ଅବସ୍ଥାରେ ପ୍ରାପ୍ତ ହୋଇଥାନ୍ତି । ପରଂବ୍ରହ୍ମ ଆନନ୍ଦ ସ୍ୱରୂପ ଅଟନ୍ତି ଆଉ ଜୀବ ସେହି ଆନନ୍ଦର ଉପଭୋକ୍ତା ଅଟେ ।

**ବ୍ରହ୍ମାସ୍ମି ଭ୍ରମ ଉଦୟ ମେଁ,**
**ଅହଂଭାଓ୍ୱ ବନ ଆୟ ।**
**କେଓ୍ୱଲ ଦେହ ସୋ ଜାନିୟେ,**
**ପତନ ମୂଲ ଭ୍ରମ ପାୟ ।।୨୦।।**

ଭାଷ୍ୟ - ଯେତେବେଳେ ଜୀବ ମନରେ 'ମୁଁ ବ୍ରହ୍ମ ଅଟେ' ବୋଲି ଭ୍ରମ ଏବଂ ଅଭିମାନ ଜାତ ହୁଏ ସେତେବେଳେ ଜୀବ ନିଜ ସ୍ୱରୂପକୁ ହିଁ ଆନନ୍ଦ ବୋଲି ମନେ କରିଥାଏ । ଏହାକୁ କୈବଲ୍ୟ ଶରୀର କହନ୍ତି । ଏହି ଭ୍ରମ 'ଅହଂ ବ୍ରହ୍ମାସ୍ମି' ଜୀବ ପତନର କାରଣ ଅଟେ ।

**ଅର୍ଧ ଜ୍ଞାନ ସଂକଳ୍ପ ଦୃଢ଼, ଦୃଶ୍ୟ**
**ଭୋଗ ଜଡ଼ ହୋୟ ।**
**ପତନ ମହାକାରଣ ବନା, ଭୟ**
**ହଁସ ସଚିଦ ସୋୟ ।।୨୧।।**

ଭାଷ୍ୟ - ନିଜ ସ୍ୱରୂପରେ ସ୍ଥିତ ନ ରହି, ନିଜର ଜ୍ଞାନ ଯେତେବେଳେ ପ୍ରାକୃତିକ ଭୋଗଗୁଡ଼ିକର ପ୍ରାପ୍ତି ନିମନ୍ତେ ନିମ୍ନସ୍ତରକୁ ଚାଲିଯାଏ ଆଉ ଭୋଗର ସଂକଳ୍ପ ଦୃଢ଼ ହୋଇଯିବା ଫଳରେ ଜ୍ଞାନ ହ୍ରାସ ହେବାରେ ଲାଗେ, ସେତେବେଳେ ଆତ୍ମା ଆନନ୍ଦରହିତ ହୋଇ ଭ୍ରମଯୁକ୍ତ ସତ୍ ଚିତ୍ ଅବସ୍ଥାକୁ ମହାକାରଣ ଶରୀର କହିଥାନ୍ତି । କୈବଲ୍ୟ ଏବଂ ମହାକାରଣ ଉଭୟ ଅବସ୍ଥା ଆତ୍ମାରେ ହୋଇଥାଏ । ଏହା କେବଳ ଚେତନ ସତ୍ତାର ଭ୍ରମଯୁକ୍ତ ଦୁଇ ପ୍ରକାର ଅବସ୍ଥା ଅଟନ୍ତି । ଆଗକୁ ଆତ୍ମାର ସମ୍ବନ୍ଧ ପ୍ରକୃତି ସହିତ ହୋଇଥାଏ, ଯାହାର ବର୍ଣ୍ଣନା ନିମ୍ନୋକ୍ତ ଦୋହାରେ କରାଯାଇଛି ।

# ଔଷଧୀୟ ଅଁଳା ରସ

ଫଳମାନଙ୍କ ମଧରେ ଅଁଳା ଔଷଧୀୟ ବୋଲି କୁହାଯାଏ । ଏଥିରେ କ୍ୟାଲସିୟମ, ଭିଟାମିନ୍ ସି, ଆଇରନ, ଫସଫରସ, କେରୋଟିନ ଓ ଭିଟାମିନ୍-ବି ଅଧିକ ରହିବା ହେତୁ ଏହାକୁ ଦୈନନ୍ଦିନ ସେବନ କରିବା ନିମନ୍ତେ ପରାମର୍ଶ ଦିଆଯାଇଥାଏ । ଏହାକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟରେ ବେଶ୍ ଉନ୍ନତି ହୋଇଥାଏ । ଅଁଳାକୁ କାଟି ଖରାରେ ଶୁଖାଇବା । ସେହି ଶୁଖି ଯାଇଥିବା ଅଁଳାକୁ ଗୁଣ୍ଡ କରି ଚାମଚ ଲେଖାଏଁ ପାଣିରେ ଖାଇବା ଦ୍ୱାରା ଦେହରେ ସମସ୍ତ କ୍ଷତିକାରକ ଜୀବାଣୁରୁ ରକ୍ଷା ମିଳିଥାଏ ।



ଅଁଳାରେ ଭିଟାମିନ୍, ମିନେରାଲସ ଓ ଡାଏଟ ଫାଇବର ଭରପୁର ରହିଥାଏ । ଏଥିରେ ଥିବା ଆଣ୍ଟି ଭାଇରାଲ୍ ଗୁଣ ଶରୀର ମାଂସପେଶୀକୁ ମଜବୁତ କରିଥାଏ ।

ଅଁଳା ମେଦ ନିୟନ୍ତ୍ରଣକାରୀ ଫଳ ହୋଇଥାଏ । ଏଥିରେ ଥିବା ଏମିନୋ ଏସିଡ୍ ମେଟାବୋଲିଜିମ୍ ନିୟନ୍ତ୍ରଣରେ ସହାୟକ ହୋଇଥାଏ । ତେଣୁ ଏହା ଶରୀରକୁ ଫିଟ୍ ରଖେ ।

ଅଁଳାରେ ଥିବା କ୍ରୋମିୟମ ଶରୀରରେ ସୁଗାର ନିୟନ୍ତ୍ରଣ କରିଥାଏ । ଫଳରେ ମଧୁମେହ ରୋକିବାରେ ସହାୟକ ହୋଇଥାଏ ।

କୋଷ୍ଠକାଠିନ୍ୟ ନିମନ୍ତେ ଏହା ମହୋଷଧୀ ରୂପେ କାର୍ଯ୍ୟ କରିଥାଏ । ଫାଇବରରେ ପରିପୂର୍ଣ୍ଣ ଅଁଳା ଟକ୍ସିନ୍ ଦୂର କରିବାରେ ସହାୟକ ହୋଇଥାଏ ।

ଅଁଳା ସେବନ କରିବା ଦ୍ୱାରା ମୁହଁରେ ଆସୁଥିବା କଳାଦାଗ ସଫା ହୋଇଯାଇଥାଏ । ଏଥିରେ ଥିବା ଆଣ୍ଟି ଏଜିଙ୍ଗ ଗୁଣ ମୁଖରୁ ଦାଗ ଲିଭାଇ ଚମକ ଫେରାଇ ଆଣିଥାଏ ।

ଅଁଳା ସେବନ କରିବା ଦ୍ୱାରା କେଶ ମଜବୁତ, ଘନ ଓ କଳା ଦେଖା ଯାଇଥାଏ । ଏହା ସହ ଝଡିବା ମଧ କମ୍ ହୋଇ ଯାଇଥାଏ ।

## ଟିକିଏ ହସନ୍ତୁ

ଶିକ୍ଷକ : ତମସୋ ମା' ଜ୍ୟୋତିର୍ଗମୟ'ର ଅର୍ଥ କିଏ କହିପାରିବ ?
ପପୁ: ସାର୍, ମୁଁ କହିବି ।
ଶିକ୍ଷକ : ହଉ କହ ।
ପପୁ: ଏହାର ଅର୍ଥ ହେଉଛି 'ତମେ ଶୋଇଯାଅ ମା', ମୁଁ ଜ୍ୟୋତି ଘରକୁ ଯାଉଛି ।

× × × × ×

ପପୁ ରାଜୁକୁ: ତୁ ଏତେ ବୁଦ୍ଧିଆ ବୋଲି ନିଜକୁ ଭାବୁଛୁ, କହିପାରିବୁ ଚେନ୍ନାଇର ନାଁ ଚେନ୍ନାଇ କାହିଁକି ରଖାଯାଇଛି ?
ରାଜୁ: ଓଃ, ଏଇଟା ଗୋଟେ ପ୍ରଶ୍ନ ।
ତୁ ପ୍ରଥମେ ମତେ କହ ଚେନ୍ନାଇରେ ପୁରୁଷମାନେ କ'ଣ ପିନ୍ଧନ୍ତି ?
ପପୁ: ଲୁଙ୍ଗି ।
ରାଜୁ: ହଁ, ଠିକ୍ । ଆଉ ତୁ ତ ଜାଣିଥିବୁ ଲୁଙ୍ଗିରେ ଚେନ୍ ନ ଥାଏ । ଚେନ୍ ନାଇଁରୁ ଚେନ୍ନାଇ ହେଉଛି । ବୁଝିଲୁ ।

× × × ×

ଶ୍ରେଣୀ ଗୃହରେ ଶୋଇଥିବା ରଘୁକୁ ଶିକ୍ଷକ : ତୁ ସ୍କୁଲ କାହିଁକି ଆସୁଛୁ ?
ରଘୁ: ସାର୍, ବିଦ୍ୟା ପାଇଁ ।
ଶିକ୍ଷକ : ତା' ହେଲେ କ୍ଲାସ ଭିତରେ ଶୋଉଛୁ କାହିଁକି ?
ରଘୁ: ଆଜି ବିଦ୍ୟା ଆସିନି ତ ସେଥିପାଇଁ ।



× × × ×

ସ୍ତ୍ରୀ ସ୍ୱାମୀଙ୍କୁ: ଜାନୁ, ମୁଁ କ'ଣ ତୁମ ସ୍ୱପ୍ନରେ ଆସେ ?
ସ୍ୱାମୀ: ନା, କେବେ ନୁହେଁ ।
ସ୍ତ୍ରୀ: ହେଲେ କାହିଁକି ?
ସ୍ୱାମୀ: କାହିଁକି ନା ମୁଁ ଶୋଇବା ପୂର୍ବରୁ ହନୁମାନ ଚାଳିଶା ପାଠକରି ଶୋଇଥାଏ ।

× × × ×

ପତ୍ନୀ ସ୍ୱାମୀଙ୍କୁ: ତମେ ମୋ ଠାରେ କ'ଣ ଦେଖି ବିବାହ କଲ ?
ସ୍ୱାମୀ: ସେମିତି କିଛି ନୁହେଁ । ମତେ ଛୋଟବେଳୁ ରିସ୍କ ନେବାକୁ ଭଲ ଲାଗେ । ତେଣୁ ତମକୁ ବାଛିଲି ।

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ: ତମେ ନା ବହୁତ ଭୋଳା । ସେଥିପାଇଁ ତମକୁ ଯେ କେହି ସହଜରେ ବୋକା ବନେଇ ଦେଉଛନ୍ତି ।
ସ୍ୱାମୀ: ସତ କହିଲ । ଆଉ ପ୍ରଥମ ଥର ବୋକା ତ ତମ ବାପ ହିଁ ବନେଇଛନ୍ତି ।

# ନୂଆଁଖାଇ ଜୁହାର

**ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ**

ଅନ୍ନ ଯେ ଜୀବନ-ଆଧାର
ମାଟି ମାଆର ଉପହାର
ମାଟି ଯେ ସତତ ଉଦାର
ତାକୁ ତା' ଅନ୍ନକୁ ଜୁହାର ।
ଆକାଶ ଅଟଇ ବିଶାଳ
କୋଳେ ଧରଇ ମେଘମାଳ
ବରଷା ଢାଳି ଉପକାର
କରେ ସେ ତାହାକୁ ଜୁହାର ।
ପବନ ଜଗତର ପ୍ରାଣ
ତା' ଲାଗି ଜୀବନଟି ଜାଣ
ଶ୍ୱାସେ ଆଶ୍ୱାସ ଅନିବାର
ଭରେ ଯେ ତାହାକୁ ଜୁହାର ।
ଜଳଟି ଭୁବନେ ଜୀବନ
ତା'ବିନା ଶୂନ୍ୟ ଅନ୍ନ-ଧନ
ପାନେ ସନ୍ତୋଷ ଅଗ୍ନିକାର
ଦିଏ ଯେ ତାହାକୁ ଜୁହାର ।
ଅନଳ ସଦା ଶୁଚିମନ୍ତ
ଜନ୍ମେ ମରଣେ ଯେ ଜ୍ୱଳନ୍ତ
ସର୍ବଭକ୍ଷଣେ ସାମ୍ୟ ଯା'ର
ତା' ଶିଖାକୁ ଜୁହାର ।
ନିଶା-ନିବିଡ-ତମୋହର
ଦିନ-ନଳିନ-ପ୍ରୀତିକର
ଯା' ଲାଗି ପ୍ରକାଶ-ପ୍ରସାର
ସେ ପ୍ରଭାକରଙ୍କୁ ଜୁହାର ।
ଧବଳ-ଶୀତଳ-କିରଣ
ଯେ କରେ ରାତ୍ରେ ବିତରଣ
ସମ୍ଭାବେ ଓଷଧୂସମ୍ଭାର
ସେ ଶଶଧରଙ୍କୁ ଜୁହାର ।
ସହି ଯେ ଶୀତ-ବର୍ଷା-ଖରା
ଛାୟା ବିସ୍ତାରି ମଣ୍ଡେ ଧରା
ଫଳ-କୁସୁମ-ଦାନ ଯା'ର
ସେ ଅନୋକହକୁ ଜୁହାର ।
ସକଳ ଜଳଜୀବ-ରନ୍
ଯା' ଗର୍ଭେ ବସନ୍ତି ସଯତ୍ନ
ମର୍ଯ୍ୟାଦାବନ୍ତ ଭୂ-ପ୍ରାବାର
ସେ ମହୋଦଧିକୁ ଜୁହାର ।
ପର୍ବତୁଁ ଜଳନିଧି ଯାଏଁ
ଯେ ଜନହିତେ ନିତି ଧାଏଁ
ତଟବାସୀଙ୍କ ଜୀବସାର
ସେ ନଦୀନଦଙ୍କୁ ଜୁହାର ।
ପ୍ରସବପୀଡା ସହି ମର୍ମେ
ଜନ୍ମାଇ ପାଳେ ଯେ ସ୍ୱଧର୍ମେ
ବାତ୍ସଲ୍ୟ ଜୀବନିକା ଯା'ର
ସେ ମାତୃଦେବୀଙ୍କୁ ଜୁହାର ।
ସଂସ୍କାରେ ସତ୍ତା ପରିଷ୍କୃତ
କରି ଯେ ବଢାନ୍ତି ସୁକୃତ
ସନ୍ତାନ-ପ୍ରାଣାଳମ୍ବ ଯା'ର
ମୂର୍ତ୍ତି ସେ ପିତାଙ୍କୁ ଜୁହାର ।
ବିଦ୍ୟା ଯେ ଅମୃତସମାନ
ତାହା ଦାନେ ଯେ ସାବଧାନ
ଅବଶ୍ୟ ବାକ୍ୟ ମନ୍ତ୍ର ଯା'ର
ସେ ଗୁରୁଚରଣେ ଜୁହାର ।
ବିଚାରେ ଆଚାରେ ପ୍ରଚାରେ
ଯେ ଶିକ୍ଷା ବ୍ୟକ୍ତି ବ୍ୟବହାରେ
ଗରିଷ୍ଠ ବହି ବୟୋଭାର
ସେ ଗୁରୁଜନଙ୍କୁ ଜୁହାର ।
ଜୀବନ ଜୀଇବାର ମନ୍ତ୍ର
ଦେବାରେ ଯା'ରୁଚି ସ୍ୱତନ୍ତ୍ର
ଯେ ଶିକ୍ଷା-ଦୀକ୍ଷାର ଭଣ୍ଡାର
ସେ ପ୍ରକୃତିକୁ ମୋ' ଜୁହାର ।
ଜଗତ-ସୃଷ୍ଟି-ସ୍ଥିତି-ଲୟ
ହେତୁ ଯେ ପରମ-ସଦୟ
ଯାହାର ଅଂଶ ଏ ସଂସାର
ସେ ପରମାତ୍ମାଙ୍କୁ ଜୁହାର ।
ପ୍ରତ୍ୟେକ ଉପକାରିଜନେ
କୃତଜ୍ଞ ରହିବା ସଘନେ
ଅନ୍ନରୁ ଅନନ୍ତ ଅପାର
ସଭିଙ୍କି ବିହିବା ଜୁହାର ।
ନୂଆଁ ଖାଇବା ନୂଆଁ ପିନ୍ଧି
ପୂଜିବା କାହାକୁ ନ ନିନ୍ଦି
ନୂଆଁଖାଇର ସମାଚାର
କୃଷିକୁ ଋଷିଙ୍କୁ ଜୁହାର ।

# ପାଇନ ନଟ୍‌ର ଉପକାରିତା

**କି**ସମିସ୍, ବାଦାମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଫଳପ୍ରଦ । ସେହିପରି ପାଇନ୍ ନଟ୍ ମଧ ଉପକାରୀ । ମୋନୋ ଅନସାଚୁରେଟେଡ ଫ୍ୟାଟ୍ ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ପାଇନ ନଟରେ ବହୁ ପୋଷକ ତତ୍ତ୍ୱ ରହିଛି ।

ପୋଷକ ତତ୍ତ୍ୱରେ ଭରପୁର: ଏହା ପ୍ରୋଟିନ୍‌ର ସ୍ରୋତ । ଏଥିରେ କାର୍ବୋହାଇଡ୍ରେଟ ମାତ୍ରା ବହୁ କମ୍ ଓ ଫ୍ୟାଟ୍ ଉଚ୍ଚ ମାତ୍ରାରେ ରହିଛି । ଏହା ବ୍ୟତୀତ ଭିଟାମିନ୍ ବି-୧, ବି-୨, ଭିଟାମିନ୍-ସି, ପୋଟାସିୟମ, ମ୍ୟାଗ୍ନେସିୟମ, ଆଇରନ, ଜିଙ୍କ୍, କ୍ୟାଲସିୟମ, ମ୍ୟାଙ୍ଗାନିଜ, କପର ଆଦି ରହିଥାଏ ।

**ପ୍ରତିଦିନ ୫ ଟି ପାଇନ୍ ନଟ୍:** ଏଥିରେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ରହିଛି । କିଛିଦିନ ଲଗାତର ଭାବେ ୫ଟି ପାଇନ ନଟ୍ ଖାଇଲେ ରକ୍ତହୀନତା ଦୂର



ହୋଇଯାଏ । ମସ୍ତିଷ୍କ ସକ୍ରିୟ ରହେ । ସ୍କିନ ପାଇଁ ବି ଲାଭଦାୟକ । ଛୋଟ ପିଲା ପ୍ରତିଦିନ ୨ ଟି ପାଇନ୍ ନଟ ଖାଇବା ଫଳରେ ସ୍ମୃତି ଶକ୍ତି ବୃଦ୍ଧି ଘଟିଥାଏ । ଅଧିକ ଖାଇଲେ କ୍ଷତିକାରକ ।

ଉପକାର: ଏଥିରେ ୯୦ ପ୍ରତିଶତ ଅସଂତୃପ୍ତ ଚର୍ବି ରହିଥାଏ, ଯାହାକି ଉଚ୍ଚ କୋଲେଷ୍ଟ୍ରେରଲ ସ୍ତରକୁ କଣ୍ଟ୍ରୋଲ କରି ହାର୍ଟକୁ ରକ୍ଷା କରିଥାଏ । ଏହାଦ୍ୱାରା ହୃଦରୋଗ ଆଶଙ୍କା ସାମାନ୍ୟ କମ୍ ହୋଇଯାଏ ।

**ଗର୍ଭବତୀ:** ପାଇନ ନଟ ରକ୍ତହୀନତା ଦୂର କରିବାରେ ସହାୟକ ହୋଇଥାଏ । ସେଥିପାଇଁ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଖୁବ୍ ଆବଶ୍ୟକ । ଏହାକୁ ଖାଇବା ଫଳରେ ହିମୋଗ୍ଲୋବିନ୍ ସ୍ତର ବୃଦ୍ଧିରେ ସହାୟକ ହୋଇଥାଏ । କିନ୍ତୁ ଗର୍ଭାବସ୍ଥାରେ ୩-୪ ଟି ନଟରୁ ଅଧିକ ଖାଆନ୍ତୁ ନାହିଁ ।

ଡାଇବେଟିସ୍ ଲାଗି ବେଷ୍ଟ: ପାଇନ ନଟରେ ରହିଥିବା ଅସଂତୃପ୍ତ ଚର୍ବି ମଧୁମେହ ରୋଗୀଙ୍କ ଲାଗି ହିତକର । ଏହାକୁ ଖାଇବା ଫଳରେ ମଧୁମେହ ନିୟନ୍ତ୍ରଣରେ ରହିଥାଏ ।

**ପ୍ରୋଟିନ୍ ମିଳେ:** ଭେଜିଟେରିଆନଙ୍କ ପ୍ରୋଟିନ ଅଭାବ ହେଉଥିଲେ ତାହାକୁ ପୂରଣ କରିବା ଲାଗି ପାଇନ ନଟ ଉପଯୋଗୀ ସ୍ରୋତ । ଏଥିରେ ଲାଇସିନ୍ ଓ ଏମିନୋ ଏସିଡ୍ ଅଧିକ ମାତ୍ରାରେ ରହିଥାଏ । ଯେଉଁ ଲୋକଙ୍କ ପ୍ରୋଟିନ୍ କମ ରହିଛି ଏମାନେ ପାଇନ ନଟ ଖାଇ ପାରିବେ ।

ଯେଉଁମାନେ ଓଜନ କମ୍ କରିବା ପାଇଁ ଚାହୁଁଥାନ୍ତି ସେମାନେ ପାଇନ ନଟ ଖାଇବା ଉଚିତ । ଏହା ଭୋକ ନିୟନ୍ତ୍ରଣ କରେ । ଅତିରିକ୍ତ କ୍ୟାଲୋରୀରୁ ରକ୍ଷା ମିଳିଥାଏ, ଯାହା ଫଳରେ ଶରୀରରେ ଅଧିକ ଚର୍ବି ଜମା ହୋଇ ରହି ନ ଥାଏ ।

# ଆପଣ ଜାଣନ୍ତି କି ?

- ଇଜିପ୍ଟରେ କେତେଜଣ ବଇଦ ରୋଗୀର ଦାନ୍ତ ବିନ୍ଧାରେ ମୃତ ମୂଷାଙ୍କ ପେଷ୍ଟ ଲଗାଇଥାନ୍ତି । ସେଠାରେ ବୟସ୍କ ଲୋକଙ୍କ ସହ ଯୁବପିଢ଼ୀ ମଧ ଏଭଳି ଚିକିତ୍ସା କରାଇବାରେ ଆଦୌ ଦ୍ୱିଧା ପ୍ରକାଶ କରୁ ନଥିବାର ଜଣାପଡିଛି । ଏପରି ପ୍ରକ୍ରିୟାର ଚିକିତ୍ସା ଇଂଲଣ୍ଡର କେତୋଟି ଗ୍ରାମର ହୋଇଥାଏ ।
- ଚୀନରେ ପାଣିରେ ରହୁଥିବା ସାପକୁ ଧରି ଆଣ୍ଠୁଗଣ୍ଠି ଚିକିତ୍ସା ପାଇଁ ବ୍ୟବହୃତ କରାଯାଏ । ୧୯୦୦ ବେଳକୁ ସେଠାରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ପଦ୍ଧତି ଆଜି ମଧ ଚାଲୁଛି । ସାପଗୁଡିକୁ ବ୍ୟବହୃତ କରି ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ଏହି ତେଲ ମାଲିସରେ ଜଣେ ବ୍ୟକ୍ତି ଗଣ୍ଠି ବ୍ୟଥାରୁ ମୁକ୍ତି ପାଏ ।
- ଅଷ୍ଟ୍ରେଲୀୟ ଚିକିତ୍ସକମାନେ କୁମ୍ଭୀର ମଳରୁ ଅନେକ ପ୍ରକାରର ଚିକିତ୍ସା କରିଥାନ୍ତି ।
- ଇଉରୋପର କେତୋଟି ପ୍ରାନ୍ତରେ ୧୬୦୦ ଶତାବ୍ଦୀରୁ ଏକ ଚିକିତ୍ସା ହୋଇ ଆସୁଛି । ମୃତ ବ୍ୟକ୍ତିର ଶବର ହାଡ଼କୁ ଗୁଣ୍ଡ କରି ଏକ ପାଉଡ଼ର ପ୍ରସ୍ତୁତ କରାଯାଏ । ଖଣ୍ଡିଆଖାବରା ସ୍ଥାନରେ ଏହାକୁ ଲଗାଇଲେ ଉପକାର ମିଳେ ବୋଲି ପ୍ରକାଶ । ଆଜି ମଧ ସେଠାରେ ଅଧିକାଂଶ ସ୍ଥାନରେ ଥିବା ଔଷଧ ଦୋକାନରେ ଏହି ପାଉଡ଼ର ଉପଲବ୍ଧ ।
- ସେକ୍ସପିଅରଙ୍କ କନ୍ୟା ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ।
- ସେକ୍ସପିଅର୍ ଗଞ୍ଜେଇ ସେବନ କରୁଥିଲେ ।
- ତାଙ୍କର ଜନ୍ମ ଓ ମୃତ୍ୟୁ ଗୋଟିଏ ତାରିଖରେ ହୋଇଥିଲା । ଇଂରେଜୀ ଶବ୍ଦ You ର ସଂକ୍ଷିପ୍ତ ରୂପ ‘u’ ପ୍ରଥମେ ସେ ବ୍ୟବହାର କରିଥିଲେ ।

# ସ୍ୱାସ୍ଥ୍ୟକର କଳାଜିରା

**କ**ଳାଜିରା କେବଳ ଯେ ମସଲା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ ଏହାକୁ ଖାଇବା ଦ୍ୱାରା ବହୁ ବଡ଼ ବଡ଼ ରୋଗର ପ୍ରତିକାର ମଧ କରାଯାଇପାରିବ । କଳାଜିରା ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ବି ବହୁ ଦୁଃସାଧ ରୋଗର ପ୍ରତିରୋଧ ରୂପେ ବ୍ୟବହାର କରାଯାଏ । ଆମେରିକାର ଗବେଷଣା କେନ୍ଦ୍ରରେ ଏଚଆଇଭି ରୋଗୀଙ୍କୁ କଳାଜିରା, ରସୁଣ ଓ ମହୁରେ ପ୍ରସ୍ତୁତ ଏକ କ୍ୟାପସୁଲ ଖାଇବା ପାଇଁ ଦିଆଯାଇଥିଲା । ଯାହାର ପ୍ରଭାବିତ ସୁଫଳ କିଛିଦିନରେ ଦେଖିବାକୁ ମିଳିଥିଲା ।

ପୁଷ୍ଟିକର ମସଲା: କଳାଜିରାରେ ଶ୍ୱେତସାର ଓ ପ୍ରୋଟିନ୍ ଭଳି ୧୦୦ ରୁ ଅଧିକ ପୋଷକତତ୍ତ୍ୱ ରହିଛି । ତେଣୁ ଏହାକୁ ଖାଇବା ଦ୍ୱାରା ବଡ଼ ବଡ଼ ରୋଗର ସମସ୍ୟାକୁ ଏଡାଇ ଦିଆଯାଇ ପାରିବ ।



କର୍କଟ ନିରାକରଣ: କଳାଜିରାରେ କର୍କଟ ରୋଗର ନିରାକରଣ କ୍ଷମତା ରହିଛି । ଗୋଟେ ଗ୍ଲାସ ଅଙ୍ଗୁର ରସରେ ଏକ ଚାମଚ କଳାଜିରା ତେଲ ମିଶାଇ ପିଇବା ଦ୍ୱାରା କର୍କଟର ଜୀବାଣୁ କମି ଯାଇଥାଏ ।

ମଧୁମେହ ନିୟନ୍ତ୍ରଣକାରୀ: ଯଦି ସୁଗାରର ମାତ୍ରା ଅଧିକ ଥାଏ ତେବେ କଳାଜିରା ମଞ୍ଜି, ସୋରିଷ ଓ ଡାଳିମ୍ବ ଚୋପାକୁ ଗୁଣ୍ଡ କରି ଏହାର ଚୂର୍ଣ୍ଣକୁ ଦୈନିକ ଖାଲି ପେଟରେ ଖାଇବା ଦ୍ୱାରା ସୁଗାର ନିୟନ୍ତ୍ରଣ କରାଯାଇ ପାରିବ ।

ଷ୍ଟୋନର ପ୍ରତିଷେଧକ: ଯଦି ପେଟରେ ପଥର ହୋଇଛି ତେବେ କଳାଜିରା ଖୁବ୍ ଫଳପ୍ରଦ ହୋଇଥାଏ । ଅଳ୍ପ ମହୁରେ କଳାଜିରାକୁ ବାଟି ଖାଇବା ଦ୍ୱାରା ଆରାମ ମିଳିଥାଏ ।

# ଶରୀର ପାଇଁ ହିତକର ପୋଇ

**ପୋ**ଇ ଶୀତଳ, ରୁଚିକର । ତରଳ ଝାଡା, ରକ୍ତହୀନତା ତଥା ରକ୍ତ କର୍କଟ ରୋଗରେ ଲଟା ପୋଇ ବିଶେଷ କାମରେ ଆସିଥାଏ ।

ରକ୍ତ ହୀନତା ଦୂର କରେ: ପୋଇରେ ପ୍ରଚୁର ଆଇରନ ରହିଛି, ଯାହାକି ରକ୍ତ ତିଆରି କରିବାର କ୍ଷମତା ରଖିଛି । ଏକ ଅଧ୍ୟୟନ ଅନୁସାରେ ଜଣାପଡିଛି ଆନେମିଆ ରୋଗୀ ପୋଇ ପତ୍ରକୁ ଖାଇବା ଫଳରେ ଖୁବ୍ କମ ଦିନରେ ସେମାନଙ୍କର ରକ୍ତର ଅଭାବ ପୂରଣ ହୋଇଥାଏ ।

**ବୃଦ୍ଧା ହେବାକୁ ଦିଏନି:** ପୋଇରେ ରହିଥିବା ବିଟା କାରୋଟିନ୍, ଲ୍ୟୁଟିନ୍, ଜେକ୍ସାଥିନ ନାମକ ରାସାୟନିକ ତତ୍ତ୍ୱ ବୃଦ୍ଧ ଅବସ୍ଥାରେ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ । ଏଥିପାଇଁ ବୃଦ୍ଧ ଅବସ୍ଥାରେ ପୋଇ ଖାଇବା ଉଚିତ ।

**ତ୍ୱଚାରେ ଚମକ:** ଶୀତଦିନିଆ ଲଟା ପୋଇରେ ରହିଥିବା ଭିଟାମିନ୍ ଏ' ଶରୀରରେ ଥିବା ଶ୍ଳେଷ୍ମା ଝିଲିକୁ ସୁସ୍ଥ ରଖିବା ସହିତ ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।

**ଅନ୍ୟ ଉପଚାର:** ପୋଇରେ ଥିବା ଶୀତଳ ଗୁଣ ଯୋଗୁଁ ପୋଡ଼ା ଘା'ରେ ପୋଇ ପତ୍ର ରସ ଏବଂ ଘିଅ ମିଶାଇ ପ୍ରୟୋଗ କରାଯାଏ ।



# ଗୁଣକାରୀ କଲରା

**ସ୍ୱା**ଦରେ ପିତା ଲାଗୁଥିଲେ ମଧ କଲରା ପରିବାଟି ଶରୀର ପାଇଁ ଖୁବ୍ ହିତକାରୀ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ । ଆୟୁର୍ବେଦ ବିଶେଷଜ୍ଞ ଅଞ୍ଜଳି ସିଂଙ୍କ ମତରେ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମଧ ଏଇ ପରିବାର ଉପଯୋଗିତା ରହିଛି । ବୟସ ବଢ଼ିଲେ ଆଣ୍ଠୁଗଣ୍ଠି ବିନ୍ଧା ଏକ



ପ୍ରମୁଖ ସମସ୍ୟା ଭାବେ ଦେଖା ଦେଇଥାଏ । ଶୀତଦିନେ ଏହି ରୋଗର ପ୍ରାଦୁର୍ଭାବ ଖୁବ୍ ଅଧିକ । ଏଥିରୁ ରକ୍ଷା ପାଇବାକୁ ହେଲେ କଲରାକୁ ପୋଡି ତାହାକୁ ଭଲଭାବେ ଚକଟି ଏକ କପଡ଼ା ସାହାଯ୍ୟରେ କିଛି ସମୟ ପାଇଁ ଆଣ୍ଠୁରେ ବାନ୍ଧିଲେ ଖୁବ୍ ଆରାମ ମିଳିଥାଏ ।

ମୁଣ୍ଡ ଭୀଷଣ ବିନ୍ଧୁଥିଲେ କଲରା ପତ୍ରକୁ ବାଟି ମଥାରେ ଲଗାନ୍ତୁ । କିଛି ସମୟ ମାଲିସ୍ କଲେ ମୁଣ୍ଡ ବିନ୍ଧାରୁ ମୁକ୍ତି ମିଳେ ।

କଲରା ରସ ପିଇଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ହଜମ ଓ ପାଚନ କ୍ଷମତା ବଢ଼ାଇଥାଏ ।

# ସର୍ଦ୍ଦିରୁ ରକ୍ଷା କରେ ଗୁଡ଼

**ପ୍ରା**ଚୀନ କାଳରେ ଗୁଡ଼କୁ ସ୍ୱାସ୍ଥ୍ୟ ପାଇଁ ସୁସ୍ଥ ଓ ଅମୃତ ବୋଲି ମଣୁଥିଲେ । ଆୟୁର୍ବେଦ ଅନୁସାରେ ଖାଦ୍ୟ ଖାଇବାପରେ ଗୁଡ ଖାଇବା ଉଚିତ । ଗୁଡ ଖାଦ୍ୟକୁ ଭଲ ଭାବରେ ହଜମ କରିଦେଇଥାଏ ।



**ଶ୍ୱାସରୋଗ:** ୧ କପ ଚୁନା ଚୁନା କଟା ହୋଇଥିବା ମୁଳାରେ ଗୁଡ଼ ଓ ଲେମ୍ବୁରସ ମିଶାଇ ୨୦ ମିନିଟ୍ ପର୍ଯ୍ୟନ୍ତ ରାନ୍ଧନ୍ତୁ ଓ ପ୍ରତିଦିନ ଏହାକୁ ଖାଆନ୍ତୁ, ଶ୍ୱାସ ରୋଗରୁ ମୁକ୍ତି ମିଳିବ ।

ସର୍ଦ୍ଦି ଥଣ୍ଡା: ଗୁଡ ଖାଇବା ଫଳରେ ଶରୀର ଗରମ ରହିଥାଏ, ଏହା ସର୍ଦ୍ଦି ଥଣ୍ଡାରୁ ଦୂରେଇ ରଖିବାରେ ଖୁବ୍ ପ୍ରଭାବୀ । ଗୋଲମରିଚ ଓ ଅଦା ସହିତ ଗୁଡ ଖାଇବା ଫଳରେ ଥଣ୍ଡା- କାଶ, ଗଳା ଖରାପ ଆଦି ଦୂର ହୋଇଥାଏ । ଏହା ବ୍ୟତୀତ ଗୁଡ ଖସାର ବର୍ଫି ତିଆରି କରି ଖାଇବା ଫଳରେ ଶରୀରରୁ ସର୍ଦ୍ଦି ସମ୍ପୂର୍ଣ୍ଣ ଛାଡି ଯାଇଥାଏ ।

ନାକ ଆଲର୍ଜୀ: ଯଦି ନାକ ଆଲର୍ଜୀ ରହିଛି, ଏ ନେଇ ସକାଳୁ ଉଠିବା ମାତ୍ରେ ଛିଙ୍କ ଆରମ୍ଭ ହୋଇଯାଉଛି । ତେବେ ଏହି ରୋଗୀ ସକାଳୁ ଉଠି ଖାଲି ପେଟରେ ୧ ଚାମଚ ଅଦା ଗୁଣ୍ଡ ଓ ୨ ଚାମଚ ଅଁଳା ରସ ସହିତ ଗୁଡ ମିଶାଇ ଖାଇବା ଉଚିତ ଏହା ଥଣ୍ଡାରୁ ମୁକ୍ତି ଦିଏ ।

# କହିପାରିବେ କି ?

(୧) ମୁମ୍ବାଇ ଆକ୍ରମଣ କେବେ ହୋଇଥିଲା ?
(୨) ଓଡ଼ିଶାର ବଡ଼ ନଦୀର ନାଁ କ'ଣ ?
(୩) କେଉଁ ମାସରେ ମାଣ ଓଷା ପଡ଼ିଥାଏ ?
(୪) କାହା ଜନ୍ମ ଦିନକୁ ଶିଶୁ ଦିବସ ରୂପେ ଆମେ ପାଳନ କରୁ ?
(୫) ସପ୍ତର୍ଷି ମଣ୍ଡଳରେ କେତୋଟି ତାରା ଅଛି ?
(୬) ବଡ଼ଓଷା କେଉଁ ଶୈବ ପୀଠରେ ପାଳନ କରାଯାଇଥାଏ ?
(୭) କେଉଁ ପୂର୍ଣ୍ଣମୀରେ ଡଙ୍ଗା ଭସା ଯାଇଥାଏ ?
(୮) ସୀତାଙ୍କୁ କିଏ ଚୋରି କରି ନେଇଥିଲା ?
(୯) କାର୍ତ୍ତିକେୟଙ୍କ ପତ୍ନୀଙ୍କ ନାମ କ'ଣ ?
(୧୦) ଦଶରଥଙ୍କ କେତୋଟି ସ୍ତ୍ରୀ ଥିଲେ ?

## JUMBLE WORDS

| | | | |
|---|---|---|---|
| 1) CYAFIP | = | 6) ARASLY | = |
| 2) NCRDHE | = | 7) OEOSG | = |
| 3) DOWUN | = | 8) GAIEM | = |
| 4) HITSO | = | 9) DUELGS | = |
| 5) STEABK | = | 10) IRXLIE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଗ୍ରାହାମବେଲ, ୨.ପୁରୀର ଗଜପତି ମହାରାଜ, ୩.ସଂଯୁକ୍ତା ପାଣିଗ୍ରାହୀ, ୪.ଉତ୍କଳ ଦୀପିକା, ୫.ସୂର୍ଯ୍ୟ, ୬. ଶାନ୍ତନୁ, ୭.ମହାଦେବ ଶିବ, ୮.ପର୍ଶୁରାମ, ୯.ଗାଣ୍ଡୀବ, ୧୦.ଚେସ୍ ।

***Jumble Words*** ର ଉତ୍ତର :-

(1) WAGER (2) CHESS (3) STORMY (4) TYCOON (5) CANAL
(6) TACKY (7) ABSORB (8) IMPEDE (9) BERET (10) GLOAT

## ଝିର୍ଲାପାଲିରେ ନୂଆଁଖାଇ ଭେଟ୍

ଝାରସୁଗୁଡ଼ା : କୋଲାବିରା ବ୍ଲକ ଝିର୍ଲାପାଲି ଗାଁ ନାଏକପଡ଼ାରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଗାଁର ବରିଷ୍ଠ ନାଗରିକ ମେଘନାଦ ନାଏକ, ଶ୍ୟାମସୁନ୍ଦର ଦିଶାରି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କଳ୍ପବଟ ପଟେଲଙ୍କୁ ସମ୍ମାନିତ କରାଯାଇଥିଲା । ଗାଁର ଶିଶୁଠାରୁ ଆରମ୍ଭ କରି ମହିଳା, ପୁରୁଷଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । କୋଲାବିରା ପଞ୍ଚାୟତ ସମିତି ଡିଗ୍ରୀ କଲେଜର ଅଧାପିକା ସଂଧାରାଣୀ ପୂଝାରୀଙ୍କ ତରଫରୁ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା । ନାଏକପଡ଼ାର ହରେଶ ପଟେଲ, ଉପେନ୍ଦ୍ର ଭୋଇ, ଜିତେନ୍ଦ୍ର ଭୋଇ, ସୁଜିତ ନାଏକ, ଦେବାନନ୍ଦ ନାଏକ, ପରମେଶ୍ୱର ନାଏକ, ଝସକେତନ ବେହେରା ସହଯୋଗ କରିଥିଲେ ।



## ଅବନକେଲାରେ 'ନୂଆଁଖାଇ ଭେଟ୍‌ଘାଟ'

ସୁନ୍ଦରଗଡ଼: ଅବନକେଲା ଗାଁରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଗଣେଶ ପୂଜା କମିଟିର ସଭ୍ୟମାନଙ୍କ ଦ୍ୱାର ମାଁ ସମଲେଇଙ୍କର ପୂଜାର୍ଚ୍ଚନା ପରେ ମଞ୍ଚରେ ଜୁହାର ଭେଟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଶିଷ୍ଟ ଶିକ୍ଷାବିତ ଟିକେଶ୍ୱର ପଟେଲ, ଚାଷୀ ତଥା ସମାଜ ସେବୀ ପୌଲସ୍ତି ପାଣ୍ଡେ, ସଂକୀର୍ତ୍ତନ ଗାୟକ ଯୋଗେଶ୍ୱର ଅଢା, ଜୟକୃଷ୍ଣ ସେଠ, ଗଣେଶ ପୂଜା କମିଟିର ସଭାପତି ଅନିଲ ସେଟ ଯୋଗଦେଇ ନୂଆଖାଇର ତାତ୍ତ୍ୱିକ ପରିଭାଷା ଦେବା ସହ ନୂଆଖାଇ ଏକତାର ପର୍ବ, ଭାଇଚାରାର ପର୍ବ ବୋଲି ମତ ଦେଇଥିଲେ । ଅଧାପକ ଫିରୋଜ କୁମାର ପଟେଲଙ୍କର ସଂଯୋଜନାରେ ଆୟୋଜିତ ସଭାରେ ମିରାନନ୍ଦ ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ । ପରେ



ପରେ ଫିରୋଜ କୁମାର ପଟେଲ ଓ ମିରାନନ୍ଦ ସେଠ୍‌ଙ୍କର ମଞ୍ଚ ପରିଚାଳନାରେ ଗାଁର ଭୁଆସେନ ମାନଙ୍କୁ ନେଇ 'ଆମର ପିଠାପନା' କାର୍ଯ୍ୟକ୍ରମ ଓ କୁନିକୁନି ପିଲାମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଗଣେଶ ପୂଜା କମିଟି ତରଫରୁ ନୂଆଖାଇକୁ ନେଇ ଏକ କୁଇଜ କାର୍ଯ୍ୟକ୍ରମ ମଧ ହୋଇଥିଲା । ଦ୍ୱିତୀୟ ଦିନ ସଭାରେ ରେମଣ୍ଡା ପଞ୍ଚାୟତର ସରପଞ୍ଚ ଚେମା ପ୍ରଧାନ, ସମିତି ସଭ୍ୟ ଶ୍ରୀ ଜଟିଆ ମୁଣ୍ଡା, ଟାଙ୍ଗରପାଲି ବ୍ଲକ ସଦସ୍ୟ ଶ୍ରୀମତୀ ଗେଲବତୀ ପଟେଲ, ଶ୍ରୀ ବିରେନ୍ଦ୍ର ପଟେଲ ,ଶ୍ରୀ ଅମିତ ପଟେଲ ପ୍ରମୁଖ ଯୋଗଦେଇ ନୂଆଖାଇ ର ଶୁଭେଚ୍ଛା ଜଣାଇବା ସହ ଭାଇଚାର ର ପର୍ବ ରେ ଏକତା ସୂତ୍ର ରେ ବାନ୍ଧି ହେବା ବୋଲି ମତ ଦେଇଥିଲେ । ସାହିତ୍ୟିକ ଶିବାଶିଷ ପାଢ଼ୀ ଅବନକେଲାର କଳା ପ୍ରେମ ଉପରେ ଆଲୋକପାତ କରିଥିଲେ । ଆମର ପିଠାପନା କାର୍ଯ୍ୟକ୍ରମ ର ବିଜେତା ପିଙ୍କି ପଟେଲ ଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ମିରାନନ୍ଦ ସେଟ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ କୁଇଜ ଓ ରଙ୍ଗୀନ ରଙ୍ଗମଞ୍ଚ ରେ ସମ୍ବଲପୁରୀ ନାଚ ଗୀତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରଗଡରୁ ଆସିଥିବା ଗୁରୁଶ୍ରୀ ସୁଶାନ୍ତ ସାହୁ ଓ ସାଥୀଙ୍କର ଦ୍ୱାରା କୀର୍ତ୍ତନ ପରିବେଷଣ ହୋଇଥିଲା । କୃପାସିନ୍ଧୁ ପଟେଲ, ଦୁଲାନନ୍ଦ ସେଟ, ନିରୋଜ କୁମାର ପଟେଲ, ନିମାଇଁ ପଟେଲ, ଜିତେନ୍ଦ୍ର ସାହୁ, ଗୁରୁଚରଣ ବୁଡେକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସମ୍ବଲପୁରରେ ଗାନ୍ଧୀ ପାନୋରାମା ପ୍ରଦର୍ଶିତ

ସମ୍ବଲପୁର : ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ଇଣ୍ଡିଆନ୍ ଇନଫୋଟେଷ୍ଟମେଣ୍ଟ ମିଡିଆ କର୍ପୋରେସନ୍ ମୁମ୍ବାଇର ମିଳିତ ଆନୁକୂଲ୍ୟରେ ଗାନ୍ଧୀ ପାନାରୋମା ଅନୁଷ୍ଠିତ ହୋଇଯାଇଛି । ତପସ୍ୱନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଏସ୍‌ଏମ୍‌ସି ଆୟୁକ୍ତ ବେଦ ଭୂଷଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ ।

ଗାନ୍ଧୀ ପାନାରୋମାର ଅଧକ୍ଷ ଦେବେନ୍ଦ୍ର ଖେଣ୍ଡଲୱାଲ ଚଳଚିତ୍ର ମାଧମରେ ଆଗାମୀ ପିଢ଼ିକୁ ଗାନ୍ଧୀଙ୍କ ଜୀବନ ବାବଦରେ ଅବଗତ କରାଇବା ଏହି ଚଳଚିତ୍ର ପ୍ରଦର୍ଶନର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ । ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା ଯୋଗଦେଇ ଗାନ୍ଧୀଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ, ବରିଷ୍ଠ କଳାକାର ବୃନ୍ଦାବନ ମହାରଣା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମାରୋହରେ ଗାନ୍ଧୀ ପାନାରୋମା ରେ ବାପୁ ନେ କହା ଥା, କ୍ଷମା, ଅପନି ଗନ୍ଦେଗୀ ହମ ସାଫ ନହିଁ କରେଙ୍ଗେ ତୋ କୌନ କରେଗା, ମାହାତ୍ମା ଗାନ୍ଧୀ ଓ ଲଗେ ରହୋ ମୁନାଭାଇ ପରି ଗାନ୍ଧୀଙ୍କ ଜୀବନୀ ଓ ତାଙ୍କ ଆଦର୍ଶ ପ୍ରେରିତ ଚଳଚ୍ଛିତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟକ ସ୍କୁଲ କଲେଜର ଛାତ୍ରଛାତ୍ରୀ ତଥା କଳାକାର, ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଶେଷରେ ଗାନ୍ଧୀ ପାନାରୋମାର ସଚିବ କେତକି କପାଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ପର୍ଯ୍ୟଟନ ବିଭାଗର ଓଏସଡି ହେମନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ତରଫରୁ ନୂଆଁଖାଇ ଭେଟ୍



ଝାରସୁଗୁଡ଼ା : ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର ତରଫରୁ ବନ୍ଧବାହାଲ ସ୍ଥିତ ମହାପ୍ରବନ୍ଧକ କାର୍ଯ୍ୟାଳୟ ପରିସରରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମାଁ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଗୋବିନ୍ଦପୁର ବୃଦ୍ଧା ଆଶ୍ରମରୁ ଆସିଥିବା ୨୮ ଜଣ ଅତିଥି ଓ ଠକ୍କର ବାପା ସେବା ସଦନ ଅନାଥ ଛାତ୍ରଛାତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏମ୍‌ସିଏଲ୍ ତରଫରୁ ସମସ୍ତଙ୍କୁ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ ଝା ନୂଆଁଖାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଠକ୍କର ବାପା ସେବା ସଦନର ଅନ୍ତେବାସୀ, ଖଇରକୁନି ଆଞ୍ଚଳିକ ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ଡିଏଭି ସ୍କୁଲର ଛାତ୍ରଛାତ୍ରୀ ରସରକେଲି, ଡାଲଖାଇ ନୃତ୍ୟ ପ୍ରଦର୍ଶନ କରିଥିଲେ । ନିରଞ୍ଜନ ପଟେଲ ଓ ସବିତା ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏ ଅବସରରେ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀ ବିଜୟ କୁମାର, ଆର୍‌କେ ବଜାଜ, ପ୍ରଦୀପ କୁମାର, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ା ଡିଏଭି ସ୍କୁଲରେ ହିନ୍ଦୀ ପକ୍ଷ ପାଳିତ

ଝାରସୁଗୁଡ଼ା: ଡିଏଭି ପବ୍ଲିକ ସ୍କୁଲ ପରିସରରେ ରାଷ୍ଟ୍ରଭାଷା ହିନ୍ଦୀର ରାଷ୍ଟ୍ରୀୟ ମାନ ବୃଦ୍ଧି କରିବା ଲାଗି ହିନ୍ଦୀ ପକ୍ଷ ପାଳିତ ହୋଇ ହିନ୍ଦୀ ଦିବସ ପାଳନ ସହିତ ସମାପିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହିନ୍ଦୀ ପକ୍ଷ ପାଳନ ଅବସରରେ ହିନ୍ଦୀ ବିଭାଗୀୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କଦ୍ୱାରା ଛାତ୍ରସଭାରେ ପକ୍ଷବ୍ୟାପୀ ପ୍ରଖ୍ୟାତ ତଥା ପୁରୁଣା ଏବଂ ଆଧୁନିକ ହିନ୍ଦୀ ସାହିତ୍ୟକାର, ଗାଳ୍ପିକ, କବି ଓ ଔପନ୍ୟାସିକଙ୍କ ଚରିତ୍ର ଚିତ୍ରଣ ସଙ୍ଗେ ସେମାନଙ୍କ ରଚନା ଉପରେ ବିଶ୍ଳେଷଣାତ୍ମକ ଆଲୋଚନା ଏବଂ ହିନ୍ଦୀ ସାହିତ୍ୟ ଉପରେ ରସାତ୍ମକ ତଥା ମୂଲ୍ୟବୋଧଭିତ୍ତିକ କ୍ଷୁଦ୍ର ନାଟକଗୁଡ଼ିକର ଆୟୋଜନ କରାଯାଇଥିଲା । ଏହି ଅବସରରେ ଅଧକ୍ଷ ଶ୍ରୀ ପଣ୍ଡା ରାଷ୍ଟ୍ରଭାଷା ହିନ୍ଦୀର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ସମସ୍ତଙ୍କୁ ଉଦବୋଧନ ଦେଇଥିଲେ । ଶିକ୍ଷୟିତ୍ରୀ ଇପସିତା ରଣା ଓ ବିନ୍ଦୁରେଖା ପଣ୍ଡା ହିନ୍ଦୀ କବିତା ପାଠ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ତଥା ହିନ୍ଦୀ ବିଭାଗ ସଂଯୋଜିକା ଡ. ମଞ୍ଜୁଶ୍ରୀ ବେଦୁଲା, ବରିଷ୍ଠ ଶିକ୍ଷକ ଏମ.ଭି.ଏଲ.ଏନ. ରାଓ ଓ ସୁବାସ ଚନ୍ଦ୍ର ମିଶ୍ର ରାଷ୍ଟ୍ରଭାଷା ହିନ୍ଦୀ ସନ୍ଦର୍ଭରେ ନିଜ ନିଜ ବିଚାର ବ୍ୟକ୍ତ କରିଥିଲେ । ଶିକ୍ଷୟିତ୍ରୀ ନମିତା ପାଣ୍ଡେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ହେମଲତା ଜୟଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଗାୟତ୍ରୀ ଶର୍ମା, ହେମଲତା ଜୟଶ୍ୱାଳ, ରିଙ୍କୁ ଶର୍ମା, ସଙ୍ଗୀତା ସିହ୍ନା, ନମିତା ପାଣ୍ଡେ ଆଦି ଶିକ୍ଷୟିତ୍ରୀ ପକ୍ଷବ୍ୟାପୀ ଆୟୋଜିତ ପଖୱାଡ଼ାରେ ବିଭିନ୍ନ ପ୍ରକାର କ୍ରିୟାକଳାପ ତଥା ହିନ୍ଦୀ ସାହିତ୍ୟ ସାଧନାର ସକ୍ରିୟ ସଂଯୋଜନା କରିଥିଲେ । ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମରେ ସାମିଲ ହୋଇ ପକ୍ଷବ୍ୟାପୀ ଆୟୋଜିତ ହିନ୍ଦୀ ପଖୱାଡ଼ାକୁ ସଫଳ ରୂପାୟନ କରିଥିଲେ । ଅନ୍ତିମ ପର୍ଯ୍ୟାୟରେ ହିନ୍ଦୀ ବିଭାଗ ପକ୍ଷରୁ ଶିକ୍ଷୟିତ୍ରୀ ଡ. ମଞ୍ଜୁଶ୍ରୀ ବେଦୁଲାଙ୍କ ସଂଯୋଜନା ଓ ସଞ୍ଚାଳନରେ ହିନ୍ଦୀ ସାହିତ୍ୟ ଅଭିଭାବକ ସଂଗୋଷ୍ଠୀଙ୍କ ସହିତ ହିନ୍ଦୀ ଉତ୍ସବ ଉପରେ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା ଯହିଁରେ ପ୍ରସିଦ୍ଧ ବାଲ ସାହିତ୍ୟକାର ନୀଲମ ରାକେଶ, ସ୍ୱତନ୍ତ୍ର ଲେଖକ ଡ. ରାକେଶ ଚନ୍ଦା, ବରିଷ୍ଠ ହିନ୍ଦୀ ଶିକ୍ଷୟିତ୍ରୀ ଡ. ତେଜି ମିଶ୍ର, ଝାରସୁଗୁଡ଼ା ଡିଏଭି ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ପୂର୍ବ ଛାତ୍ରୀ ପ୍ରତିଶ୍ରୁତି ପଣ୍ଡା, ଛାତ୍ର ଅନୁରାଗ ଝା ପ୍ରମୁଖଙ୍କ ହିନ୍ଦୀ ସାହିତ୍ୟ ଆଲୋଚନାଚକ୍ର ମର୍ମସ୍ପର୍ଶୀ ହୋଇଥିଲା । ରାଷ୍ଟ୍ରଭାଷା ହିନ୍ଦୀର ବହୁଳ ପ୍ରଚାର ପ୍ରସାର ସାଙ୍ଗକୁ ଭାରତୀୟଙ୍କ ହୃଦୟରେ ରାଷ୍ଟ୍ରଭାଷାଗତ ସ୍ୱାଭିମାନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ହିନ୍ଦୀ ପଖୱାଡାକୁ ଅଭିଭାବକ ମହଲରେ ସ୍ୱାଗତ ଓ ପ୍ରଶଂସା କରାଯାଇଛି ।

## ସାରଳା ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମନାଭ ମିଶ୍ରଙ୍କ ପରଲୋକ

ସମ୍ବଲପୁର: ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମନାଭ ମିଶ୍ର (୮୩)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ହୋଇଯାଇଛି । ସେ ତାଙ୍କ ପଛରେ ତାଙ୍କର ବିଧବା ପତ୍ନୀ ଆହ୍ଲାଦିନୀ ମିଶ୍ର, ଏକମାତ୍ର ପୁତ୍ର ସିଦ୍ଧାର୍ଥ, ଦୁଇ ଝିଅ, ଜ୍ୱାଇଁ ଏବଂ ନାତିନାତୁଣୀଙ୍କୁ ଛାଡ଼ି ଯାଇଛନ୍ତି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଯାଇଛି । ପୁତ୍ର ସିଦ୍ଧାର୍ଥ ମିଶ୍ର ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ମିଶ୍ର ସୋନପୁର ସହରରେ ଜନ୍ମଗ୍ରହଣ କରି ସେଠାରୁ ଶିକ୍ଷା ସମାପ୍ତ କରି ଚିତ୍ରକଳା ଶିକ୍ଷା ପାଇଁ ବିଶ୍ୱଭାରତୀ ଶାନ୍ତିନିକେତନ ଯାଇ ୧୯୬୫ ମସିହାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ୧୯୬୭ ମସିହାରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଉଦ୍ଭିଦ ବିଭାଗରେ ଆର୍ଟିଷ୍ଟ ଫଟୋଗ୍ରାଫର ଭାବରେ ଯୋଗ ଦେଇ ସେଠାରୁ ଅବସର ନେଇଥିଲେ । ୧୯୯୧ ମସିହାରେ ସମ୍ବଲପୁର ସହରରେ ପ୍ରଥମ ଥର ପାଇଁ ଏକ ଚିତ୍ରକଳା ଅନୁଷ୍ଠାନ 'ଚିତ୍ରଭୂମି' ସ୍ଥାପନ କରି ଶତାଧିକ ଛାତ୍ରଛାତ୍ରୀଙ୍କୁ ଚିତ୍ରକଳା ଶିକ୍ଷା ପ୍ରଦାନ କରି ଉତ୍ସାହିତ କରିବା ସହିତ ପ୍ରେରିତ କରିଥଲେ । ୧୯୮୦ ମଧ ଭାଗରେ ଗଙ୍ଗାଧର ମେହେର ମହାବିଦ୍ୟାଳୟରେ ଫାଇନ୍ ଆର୍ଟ ସେକ୍ସନ ନିଜସ୍ୱ ଉଦ୍ୟମରେ ଖୋଲି ଅଗଣିତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । 'ଗୀତା'ର ଶ୍ଳୋକକୁ ନେଇ ସେ କରିଥିବା ତାଙ୍କର ୧୪ଟି ପେଣ୍ଟିଂ ଭୁବନେଶ୍ୱର ସୂଚନା ଭବନରେ ପ୍ରଦର୍ଶିତ ହୋଇ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ସେଥିପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ତାଙ୍କୁ ମର୍ଯ୍ୟାଦାଜନକ ସାରଳା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । 'ସନ୍ଥ କବି ଭୀମଭୋଇ', 'ହରିବଂଶ ରାୟ ବଚ୍ଚନ', 'ଶ୍ରୀନିବାସ୍ ଉଦ୍‌ଗାତା'ଙ୍କର କବିତା ଉପରେ ପେଣ୍ଟିଂ କରି ସେ ବେଶ୍ ଚର୍ଚ୍ଚିତ ହୋଇଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ପଶ୍ଚିମ ଓଡ଼ିଶାର ପୁରପଲ୍ଲୀରେ ଉତ୍ସାହ ଉଦ୍ଦୀପନାର ସହ ନୂଆଁଖାଇ ପାଳିତ





ସମ୍ବଲପୁର : ପାରମ୍ପରିକ ଉତ୍ସାହ ଉଦ୍ଦୀପନାର ସହ ସମଗ୍ର ପଶ୍ଚିମ ଓଡ଼ିଶାରେ ଗଣପର୍ବ 'ନୂଆଁଖାଇ' ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ନିର୍ଦ୍ଧାରିତ ଲଗ୍ନରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ସହ ବିଭିନ୍ନ ଦେବାଦେବୀଙ୍କଠାରେ ନବାନ୍ନ ଲାଗି ହେବାପରେ ଗ୍ରାମଦେବୀ, ଇଷ୍ଟ ଦେବୀ ତଥା ଘରେ ଠାକୁରଙ୍କୁ ଭୋଗ ଲଗେଇ 'ନୂଆଁ' ଖାଇଛନ୍ତି । ସମ୍ବଲପୁର ମୂଳପୀଠରେ ମା' ସମଲେଶ୍ୱରୀ, ସୁବର୍ଣ୍ଣପୁରରେ ମା' ସୁରେଶ୍ୱରୀ, ବଲାଙ୍ଗିରରେ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀ, ବୌଦ୍ଧରେ ମା' ଭୈରବୀ, ସୁନ୍ଦରଗଡ଼ରେ ମା' ସମଲେଶ୍ୱରୀଙ୍କ ପୀଠରେ ନବାନ୍ନ ଲାଗି ହୋଇଥିଲା ।

ସମ୍ବଲପୁରରେ ଭୋର ୪ଟାରୁ ମା' ସମଲେଶ୍ୱରୀଙ୍କୁ ସ୍ନାନାଦି ପରେ ପାଟବସ୍ତ୍ର, ଅଳଙ୍କାର ଆଦି ବେଶଭୂଷା ପରେ ଗମ୍ଭୀରା ତଥା ପାର୍ଶ୍ୱ ଦେବାଦେବୀଙ୍କଠାରେ ପୂଜକମାନେ ବନା (ଝୋଟି) ଦେଇଥିଲେ । ଦିନ ପ୍ରାୟ ସାଢ଼େ ୧୦ଟାରେ ମୁଖ୍ୟ ପୂଜକ ଅମ୍ବିକା ରାୟଙ୍କ ସହ ପୂଜକ ଗଙ୍ଗାଧର ରାୟ କୋଦଣ୍ଡରାମ ରାୟ ଓ ପ୍ରଶାନ୍ତ ରାୟଙ୍କ ପରିବାର ସହିତ ବେହେରା ପରିବାରରୁ ନବାନ୍ନ ଭୋଗ ଆସିଥିଲା । ପଣ୍ଡିତ ସଭା ଦ୍ୱାରା ନିର୍ଦ୍ଧାରିତ ଲଗ୍ନ ୧୦ଟା ୨୭ରୁ ୧୦ଟା ୪୨ ମିନିଟ ମଧ୍ୟରେ ନୂଆ ଚାଉଳ, କ୍ଷୀରି, ପିଠା, ସାରୁ ଶାଗ ଆଦି ଭୋଗ ଲାଗି ହୋଇଥିଲା । ମା'ଙ୍କ ଠାରେ ନୂଆଁ ଭୋଗ ଲାଗି ହେଲାପରେ ଗମ୍ଭୀରା ଭିତରୁ ପୂଜକମାନେ ବାହାରି ୧୧୫ ପାର୍ଶ୍ୱ ଦେବାଦେବୀଙ୍କୁ ନବାନ୍ନ ଲାଗି କରିଥିଲେ । ଶ୍ରୀ ଗଣେଶଙ୍କଠାରୁ ଆରମ୍ଭ କରି ଶେଷରେ ମାଉଲୀ ଦେବୀଙ୍କଠାରେ ନବାନ୍ନ ଅର୍ପଣ କରାଯାଇଥିଲା । ଏହାପରେ ବଡ଼ବଜାର କେଉଟପଡ଼ାର ଗୁଡ଼ାଘାଟ ମନ୍ଦିର, ଧୋବାପଡ଼ାର ଘିକୁଣ୍ଡି ମନ୍ଦିର ଓ ସୁନାରିପଡ଼ାର ହନୁମାନ ମନ୍ଦିରରେ ମଧ କେଇଜଣ ପୂଜକ ଯାଇ ନବାନ୍ନ ଲାଗି କରିଥିଲେ । ଏହାପରେ ମଙ୍ଗଳ ଆଳତୀ ହୋଇଥିଲା । ମା'ଙ୍କ ନୂଆ ଚାଉଳ ଭୋଗ ନେଇ ଲୋକେ ଘରେ ଘରେ ନୂଆଁ ଖାଇଥିଲେ । ନୂଆଁ ଖାଇବା ପରେ ନିଜଠୁ ବଡ଼ ମାନଙ୍କୁ ମୁଣ୍ଡିଆ ମାରି ଜୁହାର ଭେଟ୍ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ । ବହୁ ସ୍ଥାନରେ ସାମୂହିକ ନୂଆଁଖାଇ ପାଳିତ ହୋଇଯାଇଛି । ଦିନତମାମ ଶ୍ରଦ୍ଧାଳୁ ସମ୍ବଲପୁର ତଥା ଆଖପାଖ ଅଞ୍ଚଳରୁ ଆସି ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ ।


ନୂଆଁଖାଇ ଅବସରରେ ସମଲେଶ୍ୱରୀ ମନ୍ଦିର ପରିସରରେ ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଅଶୋକ କୁମାର ଦାଶ ମୁଖ୍ୟଅତିଥି, ଲୋକ ସଂସ୍କୃତି ଗବେଷକ ନିମାଇଁ ଚରଣ ପଣ୍ଡା ମୁଖ୍ୟ ବକ୍ତା ଏବଂ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ସଞ୍ଜୟ କୁମାର ବାବୁ ଓ ସମଲେଶ୍ୱରୀ ଯୁବକ ସଂଘର ସଭାପତି ସଞ୍ଜୟ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ଗୀତିକାର ମିତ୍ରଭାନୁ ଗୌଉଁତିଆ ଏବଂ କଣ୍ଠଶିଳ୍ପୀ କ୍ରିଷ୍ଣା ପଟେଲଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ଉଦୟନ ସଂସ୍ଥାକୁ ସମ୍ମାନିତ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ କବିତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡକ୍ଟର ଶ୍ୟାମସୁନ୍ଦର ଧର ପରିଚାଳନା କରିଥିଲେ । ପ୍ରାରମ୍ଭରେ ସମଲେଶ୍ୱରୀ ଯୁବକ ସଂଘର ସମ୍ପାଦକ ଗୋକୁଳ କୃଷ୍ଣ ଧର ବାର୍ଷିକ ବିବରଣୀ ପାଠ କରିଥିଲେ । ସେହିପରି ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଝାଡୁଆପଡ଼ା ଆରଣ୍ୟକ ମଣ୍ଡପରେ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଳିତ ହୋଇଯାଇଛି । ସାଂସ୍କୃତିକ ସମାଜର ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଅଶୋକ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସର୍ବଧର୍ମ ସଭାରେ ଶଶିଭୂଷଣ ତ୍ରିପାଠୀ, ସର୍ଦାର ସୁରଜିତ ସିଂ, ଲୁଇଜ୍ ଇକ୍କା ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଚଳିତ ବର୍ଷ ସଫଳ ଚାଷୀ ଭାବରେ ଶଙ୍ଖଜିନୀ ପ୍ରଧାନଙ୍କୁ ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ଉପସଭାପତି ସୂର୍ଯ୍ୟ ପାଣିଗ୍ରାହୀ ଏବଂ ସଦସ୍ୟ ଡକ୍ଟର ସତ୍ୟନାରାୟଣ ଠାକୁର ମାନପତ୍ର ପଢ଼ିଥିବା ବେଳେ ଲଳିତ ବେବର୍ତ୍ତା ଏବଂ ଦୀନବନ୍ଧୁ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଉପସଭାପତି ଶିବନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିଲ୍ଲୀରେ 'ନୂଆଁଖାଇ ଭେଟ୍‌ଘାଟ୍'

ନୂଆଦିଲ୍ଲୀ: ହଜଖାସ ସ୍ଥିତ ଜଗନ୍ନାଥ ମନ୍ଦିରରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ





ନୀଳାଚଳ ସେବା ସଂଘ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନଙ୍କ ତତ୍ତ୍ୱାବଧାନତାରେ ଅନୁଷ୍ଠିତ ନୂଆଖାଇ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ସହ ଧର୍ମିଣୀ ମୃଦୁଳା ପ୍ରଧାନ, କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଙ୍କ ବିଶେଶ୍ୱର ଟୁଡ଼ୁ, ବରଗଡ଼ ସାଂସଦ ସୁରେଶ ପୂଜାରୀ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାର ସିଂଦେଓ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ମହାପ୍ରଭୁ ଜଗନ୍ନାଥ ଏବଂ ମା ସମଲେଇଙ୍କ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ କ୍ଷୀରି ଓ ପିଠା ଭୋଗ କରାଯାଇଥିଲା । କାର୍ଯ୍ୟକ୍ରମରେ ଦିଲ୍ଲୀ ଏବଂ ଏନସିଆର ଅଞ୍ଚଳର ଶତାଧିକ ପ୍ରବାସୀ ଓଡ଼ିଆ ସାମିଲ ହୋଇଥିଲେ ।













Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra